

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୨ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 12 AUGUST 2023

Vol.No. 35 ■ No. 212 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୫୦ ହଜାର ଲାଂଚ ନେଉଥିବା ବେଳେ ଧରାପଡ଼ିଲେ ଯନ୍ତ୍ରୀ

ଅନୁଗୋଳ , ୧୧/୦୮ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ ସରକାରୀ ବାବୁ। ତାଙ୍କ ନାଁ ଶରତ ପ୍ରଧାନ। ସେ ଅନୁଗୋଳ ଉଠା ଜଳସେଚନ ବିଭାଗର ଉପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ଶରତ ପ୍ରଧାନ ଆଜି ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଦୁଇଟି ପ୍ରକଳ୍ପର ଇଲେକ୍ଟ୍ରିକାଲ ଏଷ୍ଟିମେଟ ଦେବା ପାଇଁ ଜଣେ ଠିକାଦାରଙ୍କ ଠାରୁ ଲାଞ୍ଚ ନେବା ବେଳେ ସେ ଧରାପଡ଼ିଥିଲେ।

## ଫିରିଙ୍ଗିଆର ବିଦାୟୀ ଆଇଆଇସି ନିଲମ୍ବିତ: ହିଂସାକାଣ୍ଡ ବେଳେ ଥାନା ଛାଡ଼ି ପଳାଇଥିଲେ




କନ୍ଧମାଳ, ୧୧/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନାର ବିଦାୟୀ ଆଇଆଇସି ତପନ ନାହାକଙ୍କୁ ନିଲମ୍ବନ କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ (ଡିଜିପି)। ହିଂସାକାଣ୍ଡ ବେଳେ ଥାନା ଛାଡ଼ି ପଳାଇବା ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଛି। ଏହା ପୂର୍ବରୁ ତାଙ୍କୁ ଫିରିଙ୍ଗିଆ ରୁ କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ▶▶ପୃଷ୍ଠା ୭

## ରାଜଧାନୀରେ ଡେଙ୍ଗୁ ବେକାବୁ

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ଡେଙ୍ଗୁ ମଶା ମାରିବ ଡ୍ରୋନ। ଗତବର୍ଷ ଭଳି ଏବର୍ଷ ମଧ୍ୟ ଭୁବନେଶ୍ୱର ମହାନଗର ନିଗମ ଡେଙ୍ଗୁ ମଶା ବଂଶ ବୃଦ୍ଧି ରୋକିବାକୁ ଡ୍ରୋନର ବ୍ୟବହାର କରିବ। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ। ସେ କହିଛନ୍ତି, ଡେଙ୍ଗୁ ମଶା ମାରିବା ପାଇଁ ଫଗିଂ କରାଯାଉଛି। ଏହାସହ ଲାର୍ଭେସାଇଟ ମଧ୍ୟ ପକାଯାଉଛି। ହେଲେ ବଡ଼ ବଡ଼ ଡ୍ରେନମାନଙ୍କରେ ରସାୟନିକ ସ୍ପ୍ରେ କରିବା ସମ୍ଭବପର ହେଉନାହିଁ। ଏଥିପାଇଁ ଖୁବ୍ ଶୀଘ୍ର ଡ୍ରୋନର ବ୍ୟବହାର କରାଯିବ। ▶▶ପୃଷ୍ଠା ୭

# ୧୬୦ ବର୍ଷର ବ୍ରିଟିଶ ଆଇନରେ ହେବ ପରିବର୍ତ୍ତନ

## ବଦଳିବ ଆଇପିସି, ସିଆରପିସି ଓ ଆଇଇଏ



ନୂଆଦିଲ୍ଲୀ,୧୧/୦୮ :୧୬୦ ବର୍ଷର ବ୍ରିଟିଶ ଆଇନରେ ହେବ ଆମୁଳଚୂଳ ପରିବର୍ତ୍ତନ। ହଟିବ ଆଇପିସି, ସିଆରପିସି ଆଇଇଏ। ବଦଳିବ ଭାରତୀୟ ଦଣ୍ଡବିଧି ଆଇନର ସ୍ୱରୂପ। ଆଜି ସଂସଦର ଶେଷ ଦିନରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଏ ସଂକ୍ରାନ୍ତୀୟ ବିଲ୍ ଆଗତ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ଅମିତ ଶାହ ଆଗତ କରିଥିବା ନୂତନ ବିଲ୍ ଅନୁଯାୟୀ, ଭାରତୀୟ ନ୍ୟାୟ ବ୍ୟବସ୍ଥାର ୩ ଗୁରୁତ୍ୱପୂର୍ଣ୍ଣ ଆଇନ ହଟିଯିବ। ବର୍ଷ ବର୍ଷ ଧରି ଅପରାଧିକ ମାମଲାରେ ଦେଶରେ ଲାଗୁ ହେଉଥିବା ଆଇପିସି, ସିଆରପିସି ଏବଂ ଆଇଇଏ ହଟାଇବାକୁ ଆଜି ୩ଟି ନୂତନ ବିଲ୍ ଆଗତ କରିଛନ୍ତି ଗୃହ ମନ୍ତ୍ରୀ। ଆଇପିସି ହଟି ତା ସ୍ଥାନରେ ଆସିବ ଭାରତୀୟ ନ୍ୟାୟ ସଂହିତା-୨୦୨୩। ସେହିପରି ସିଆରପିସି ହଟି ତା' ସ୍ଥାନ ନେବ ଭାରତୀୟ ନାଗରିକ ସୁରକ୍ଷା ସଂହିତା। ଆଇଇଏ ହଟି ତା ସ୍ଥାନରେ ଆସିବ ଭାରତୀୟ ସାକ୍ଷ୍ୟ ଅଧିନିୟମ। ୧୮୬୦ ମସିହାରୁ ୨୦୨୩ ପର୍ଯ୍ୟନ୍ତ ଦେଶର ଅପରାଧିକ ନ୍ୟାୟ ପ୍ରଣାଳୀ ଇଂରେଜ ଅମଳରେ ତିଆରି ହୋଇଥିବା ଆଇନ ଅନୁଯାୟୀ କାର୍ଯ୍ୟ କରୁଛି। ତେଣୁ ଏହି ୩ ଆଇନ୍ ବଦଳିଗଲେ ଦେଶରେ ଅପରାଧିକ ନ୍ୟାୟ ପ୍ରଣାଳୀରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ଗୃହରେ ଦୃଢତାର ସହ କହିଛନ୍ତି ଅମିତ ଶାହ। ବିଲ୍ ଆଗତ କରି ଅମିତ ଶାହ କହିଛନ୍ତି, ଦଣ୍ଡ ଦେବା ନୁହେଁ, ସମସ୍ତଙ୍କୁ ନ୍ୟାୟ ଦେବା ଆଇନର ଉଦ୍ଦେଶ୍ୟ। ପ୍ରବଳ ହଟ୍ଟଗୋଳ ମଧ୍ୟରେ ଏହି ୩ ନୂତନ ବିଲ୍‌କୁ ଆଜି ଗୃହ ମନ୍ତ୍ରୀ ଲୋକସଭାରେ ଆଗତ କରିଥିବା ବେଳେ ତାହାକୁ ଷ୍ଟାଣ୍ଡିଂ କମିଟି ନିକଟକୁ ପଠାଇ ଦିଆଯାଇଛି। ଶାହ କହିଛନ୍ତି, ଆଇପିସିରେ ୫୧୧ ଧାରା ଥିଲା, ଏବେ ୩୫୬ଟି ଧାରା ରହିବ। ୧୭୫ଟି ଧାରାରେ ପରିବର୍ତ୍ତନ ହେବ, ୮ ନୂଆ ଧାରା ଯୋଡ଼ାଯିବ। ଆଇପିସିରୁ ହଟିବ ୨୨ଟି ଅନାବଶ୍ୟକ ଧାରା। ଦେଶଦ୍ରୋହ ଆଇନରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆସିବ। ଏହାର ସଂଜ୍ଞା ମଧ୍ୟ ବଦଳିବ। ଦେଶ ବିଭାଜନ, ସଶସ୍ତ୍ର ବିଦ୍ରୋହ, ବିଚ୍ଛିନ୍ନତାବାଦୀ କାମ, ଦେଶର ସାର୍ବଭୌମତ୍ୱ, ଏକତାକୁ କ୍ଷୁର୍ଣ୍ଣ କରିବା ଭଳି ଅପରାଧ ପାଇଁ ଆଇନରେ ସ୍ୱ ତନ୍ତ୍ର ବ୍ୟବସ୍ଥା ରହିବ। ନୂଆ ବିଲରେ ମହିଳା ଓ ଶିଶୁ ବିରୋଧୀ ହିଂସା ଓ ରାଷ୍ଟ୍ର ବିରୋଧରେ ଆଚରଣ ବିରୋଧରେ କଡ଼ା ଆଇନ ହେବ। ଏପରିକି ଛୋଟ ମୋଟ ଅପରାଧ ପାଇଁ ସମାଜସେବା ଭଳି ଦଣ୍ଡ ଦିଆଯିବ ବୋଲି କହିଛନ୍ତି ଶାହ।

## ନକ୍ସଲ ହମଲା: ଓଡ଼ିଆ ସିଆରପିଏଫ ଯବାନ ସହିଦ



ଆନନ୍ଦପୁର, ୧୧/୦୮ (ନି.ପ୍ର): ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ହୁସିପିରେ ନକ୍ସଲଙ୍କ ଆକ୍ରମଣରେ ଜଣେ ଓଡ଼ିଆ ସିଆରପିଏଫ ଯବାନ ସହିଦ ହୋଇଛନ୍ତି। ତାଙ୍କ ନାଁ ସୁଶାନ୍ତ କୁମାର ଖୁଣ୍ଟିଆ। ତାଙ୍କ ଘର କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ। ଆଜି ଦିନ ପ୍ରାୟ ୧୧ଟାରୁ ସାଢ଼େ ୧୧ ମଧ୍ୟରେ ଏହି ଘଟଣା ଘଟିଛି। ସିଆରପିଏଫ୍‌ର ୬୦ ବାଟାଲିୟନର ଯବାନମାନେ କମ୍ବିଂ ସାରି ଫେରୁଥିବା ସମୟରେ ନକ୍ସଲମାନେ ଆମ୍ବୁସ ଲଗାଇ ଆକ୍ରମଣ କରିଥିଲେ। ନକ୍ସଲଙ୍କ ଗୁଳିମାଡ଼ରେ ସୁଶାନ୍ତ କୁମାର ଖୁଣ୍ଟିଆ ସହିଦ ହୋଇଥିଲେ। ତାଙ୍କ ଛାତିରେ ଗୁଳି ବାଜିଥିଲା। ସେହିପରି ଆଉ ଜଣେ ଯବାନ ଆହତ ହୋଇଛନ୍ତି। ତାଙ୍କ ନାଁ ମୁନ୍ନା ଲାଲ ଯାଦବ। ତାଙ୍କ ଗୋଡ଼ରେ ଗୁଳି ବାଜିଛି। ତାଙ୍କ ଘର ଉତ୍ତର ପ୍ରଦେଶରେ। ତାଙ୍କୁ ରାଞ୍ଚିର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାଓ ହମଲାରେ ସହିଦ ସୁଶାନ୍ତଙ୍କ ପରିବାରର କଥା କହିଲେ ଯେକେହି ଭାଙ୍ଗି ପଡ଼ିବ। ସାଢ଼େ ୩ ବର୍ଷ ମଧ୍ୟରେ ବାପପୁଅ ୪ ଜଣ ଆଗପଛ ହୋଇ ଚାଲିଗଲେ। ସୁଶାନ୍ତଙ୍କ ଆନନ୍ଦପୁର ଘରେ ଏବେ କେହି ନାହାନ୍ତି। ଘରେ ପଡ଼ିଛି ତାଲା। ୨୦୨୦ ଫେବୃୟାରୀ ୭ରେ ସୁଶାନ୍ତଙ୍କ ବାପା ଆତୁଳ ଖୁଣ୍ଟିଆଙ୍କ ପରଲୋକ ହୋଇଥିଲା। ୨୦୨୨ରେ କ୍ୟାନସରରେ ପ୍ରାଣ ହରାଇଥିଲେ ସୁଶାନ୍ତଙ୍କ ମଝିଆଁ ଭାଇ। ଚଳିତବର୍ଷ ▶▶ପୃଷ୍ଠା ୭

## ଆତ୍ମହତ୍ୟା କରିଛନ୍ତି ଶୁଭଲକ୍ଷ୍ମୀ: ଡିସିପି



ଭୁବନେଶ୍ୱର, ୧୧/୦୮ (ନି.ପ୍ର): କଲେଜ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ସେନେଇ ଜାରି ରହିଥିଲା ସସପେନ୍ସ। ଏହି ସସପେନ୍ସ ଉପରୁ ଆଜି ପରଦା ଉଠାଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ। ସେ କହିଛନ୍ତି, ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ପାରିପାର୍ଶ୍ୱିକ ତଦନ୍ତରୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଡିସିପି ଆହୁରି କହିଛନ୍ତି, ଶୁଭଲକ୍ଷ୍ମୀ ଆତ୍ମହତ୍ୟା ପଛରେ କାହାର ହାତ ଅଛି କି ନାହିଁ ତଦନ୍ତ ଚାଲିଛି। ▶▶ପୃଷ୍ଠା ୭

## ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ମିଳିଲା ଆଶ୍ୱସ୍ତି

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ପତ୍ନୀଙ୍କୁ ହତ୍ୟା କରିବା ମାମଲାରେ ଭୁବନେଶ୍ୱର ଏଡିଜେ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡାଦେଶ ପାଇଥିବା ଗୁଣପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ମିଳିଛି ଆଶ୍ୱସ୍ତି। ଶୁକ୍ରବାର ତାଙ୍କୁ ହାଇକୋର୍ଟରୁ ମିଳିଛି ଜାମିନ। ତଳ କୋର୍ଟଙ୍କ ରାୟକୁ ରାମମୂର୍ତ୍ତି ଗମାଙ୍ଗ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୧୯୯୫ ଅଗଷ୍ଟ ୨୯ ତାରିଖରେ ଭୁବନେଶ୍ୱରରେ ନିଜ ସରକାରୀ ବାସଭବନରେ ରାମମୂର୍ତ୍ତି ଗମାଙ୍ଗ ତାଙ୍କ ପତ୍ନୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଘଟଣା ଘଟିବାର ୨୮ ବର୍ଷ ପରେ ଭୁବନେଶ୍ୱର ଏଡିଜେ ଗତ ଜୁନ୍ ମାସରେ ରାମମୂର୍ତ୍ତି ଗମାଙ୍ଗଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦାଣ୍ଡାଦେଶ ଶୁଣାଇଥିଲେ। ▶▶ପୃଷ୍ଠା ୭

## ହେଟସ୍ପିଚ୍‌କୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ କମିଟି ଗଠନ ପାଇଁ କେନ୍ଦ୍ରକୁ ପରାମର୍ଶ



ନୂଆଦିଲ୍ଲୀ,୧୧/୦୮ : ହେଟସ୍ପିଚ ବା ଘୃଣା ସୃଷ୍ଟିକାରୀ ବୟାନ ଓ ହେଟ କ୍ରାଇମକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ହେଟସ୍ପିଚ ଓ ହେଟ କ୍ରାଇମ ଆଦୌ ଗ୍ରହଣୀୟ ନୁହେଁ। ଭବିଷ୍ୟତରେ ଏପରି ଘଟଣା ଯେମିତି ନ ଘଟିବ, ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। ଆମକୁ ଏହି ସମସ୍ୟାର ସମାଧାନ କରିବାକୁ ପଡ଼ିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଦେଶରେ କ୍ରମାଗତ ଭାବେ ହେଟସ୍ପିଚ ମାମଲା ବଢ଼ିବାରେ ଲାଗିଛି। ନିକଟରେ ହରିଆଣାର ନୁହରେ ସାଂପ୍ରଦାୟିକ ହିଂସା ଦେଖିବାକୁ ମିଳିଥିଲା। ୬ ଦିନର ହିଂସା ପରେ ଏବେ ନୁହ ସ୍ୱାଭାବିକ ହେଉଛନ୍ତି। କିନ୍ତୁ ଏସବୁ ଭିତରେ ହିନ୍ଦୁ ମହାପଞ୍ଚାୟତରେ ମୁସଲମାନଙ୍କ ବିରୋଧରେ ଅଭିଯାନ ଆରମ୍ଭ କରିବା ନିଷ୍ପତ୍ତି ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଏପରି ବିବାଦୀୟ ମହାପଞ୍ଚାୟତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ କରାଯାଇଥିଲା। ଏବେ ସୁପ୍ରିମକୋର୍ଟ ହେଟସ୍ପିଚ ଓ ହେଟ କ୍ରାଇମକୁ ରୋକିବା କେନ୍ଦ୍ର ସରକାରଙ୍କୁ କମିଟି ଗଠନ ଉପରେ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାମ୍ବାଦିକ ଶାହୀନ ଅବଦୁଲ୍ଲା ହେଟସ୍ପିଚ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରି ପିଟିସନ ଦାଏର କରିଥିଲେ। ▶▶ପୃଷ୍ଠା ୭

## ମୋଦିଙ୍କ ଲୋକସଭା ଭାଷଣକୁ ଟାର୍ଗେଟ କଲେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ,୧୧/୦୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଜି ଟାର୍ଗେଟ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ଆଜି ରାହୁଲ ଗାନ୍ଧି ସାମ୍ବାଦିକ ସମ୍ମିଳନୀ କରି ଗୁରୁବାର ଲୋକସଭାରେ ମୋଦି ଦେଇଥିବା ଭାଷଣକୁ ସମାଲୋଚନା କରିଛନ୍ତି। ଏଥିସହ ଲୋକସଭାରେ ମୋଦି ଭାଷଣ ଦେଉଥିବା ବେଳେ ଲଜ୍ଜାଜନକ ଭାବେ ହସିଥିଲେ ଓ ସଂସଦ ମଣିପୁର ଉପରେ ଆଲୋଚନା କରୁଥିବା ବେଳେ ସେ ଏହାକୁ ତାଚ୍ଛଲ୍ୟ ମଧ୍ୟ କରିଥିଲେ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ଗତକାଲି ପ୍ରଧାନମନ୍ତ୍ରୀ ସଂସଦରେ ପ୍ରାୟ ୨ ଘଣ୍ଟା ୧୩ ମିନିଟ ଭାଷଣ ଦେଇଥିଲେ। ଭାଷଣର ଶେଷରେ ସେ ୨ ମିନିଟ ପାଇଁ ମଣିପୁର ଉପରେ କହିଥିଲେ। ମଣିପୁର ମାସାଧିକ କାଳ ହେଲାଣି ଜଳୁଛି। ଲୋକମାନେ ପ୍ରାଣ ହରାଉଛନ୍ତି। ଦୁଷ୍କର୍ମ ଭଳି ଘଟଣା ଘଟୁଛି। କିନ୍ତୁ ପ୍ରଧାନମନ୍ତ୍ରୀ ହସିବାରେ ଲାଗିଥିଲେ। ସେ ଥଟ୍ଟାମଜା କରିଛନ୍ତି। ଏହା ତାଙ୍କୁ ଆଦୌ ଶୋଭା ଦେଉନାହିଁ। ସେ ଲଜ୍ଜାଜନକ ଭାବେ ହସିବା ସମସ୍ତଙ୍କୁ ମର୍ମାହତ କରିଛି।" ରାହୁଲ ଗାନ୍ଧି ମଣିପର ହିଂସାର ସମାଧାନ ପ୍ରସ୍ତାବ ଦେଇ କହିଛନ୍ତି, "ମଣିପୁରରେ ଯାହା ସବୁ ଚାଲିଛି, ତା'କୁ ଭାରତୀୟ ସେନା ୨ ଦିନରେ ବନ୍ଦ କରିଦେବ। କିନ୍ତୁ ପ୍ରଧାନମନ୍ତ୍ରୀ ମଣିପୁର ଜଳୁ ବୋଲି ଚାହୁଁଛନ୍ତି। ସେ ମଣିପୁର ନିଆଁକୁ ଲିଭାଇବାକୁ ଚାହୁଁ ନାହାନ୍ତି।" ▶▶ପୃଷ୍ଠା ୭

## ଶେଷ ହେଲା ରାଜ୍ୟ କ୍ୟାବିନେଟ ବୈଠକ

### ୧୯ ପ୍ରସ୍ତାବ ଉପରେ ଲାଗିଲା ମୋହର




ଭୁବନେଶ୍ୱର, ୧୧/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ଶେଷ ହୋଇଛି। ଏଥିରେ ୧୯ ପ୍ରସ୍ତାବ ଉପରେ ଲାଗିଛି କ୍ୟାବିନେଟ ମୋହର। ଏଥିମଧ୍ୟରେ ନୂତନ ଉନ୍ନତ ଅଭିଳାଷ ବା ନୂଆ ଓଡ଼ିଶା ଯୋଜନାକୁ ମଞ୍ଜୁରି ମିଳିଛି। ଆସନ୍ତା ୩ ବର୍ଷ ମଧ୍ୟରେ ୧ ଲକ୍ଷ ଯୁବକଯୁବତୀଙ୍କୁ ଦକ୍ଷ କରାଯିବା ନେଇ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଏଥିପାଇଁ ଖର୍ଚ୍ଚ ହେବ ୩୮୫ କୋଟି ଟଙ୍କା। ଉନ୍ନତ ମାନର ପ୍ରଶିକ୍ଷଣ, ଶିଳ୍ପ ସଂଯୋଗ କୁ ପ୍ରୋତ୍ସାହିତ, ନିଯୁକ୍ତି ଦକ୍ଷତା କ୍ଷେତ୍ରରେ ଏହା ସହାୟକ ହେବ। ଯୁବ ବର୍ଗଙ୍କ ପାଇଁ ନୂତନ ଦକ୍ଷତା ଏବଂ ଛାତ୍ର ଛାତ୍ରୀଙ୍କ ପାଇଁ ଆଡ ଅନ ସ୍କିଲ ପାଠ୍ୟକ୍ରମ, ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନଙ୍କ ପାଇଁ ଡିଜିଟାଲ-ଇ ପାଠ୍ୟକ୍ରମ ରଖାଯିବ। ଏହାଛଡ଼ା ରାଜ୍ୟର ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଦକ୍ଷତା ବିକାଶ ପାଇଁ ସୁଯୋଗ ଦିଆଯିବ। ନାଇଜର ପରିସରରେ ହେବ କ୍ୟାନ୍ସର ହସ୍ପିଟାଲ। ଟାଟା ମେମୋରିଆଲ ପକ୍ଷରୁ ପ୍ରତିଷ୍ଠା ହେବ କ୍ୟାନ୍ସର ହସ୍ପିଟାଲ। ଏଥିଲାଗି ୪୮.୮୪୨ ଏକର ଜମି ପ୍ରଦାନ କରିବେ ସରକାର। ଅସ୍ତରଙ୍ଗ, ଗୋପ, କାକଟପୁର, ଡେଲାଙ୍ଗ, ପୁରୀ ସଦର ଓ ସତ୍ୟବାଦୀରେ ହେବ ପାନୀୟ ଜଳ ପ୍ରକଳ୍ପ। ମାଣ୍ଡିଆର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଯୋଜନାକୁ ମଧ୍ୟ ମଞ୍ଜୁରି ମିଳିଛି। ସ୍ୱତନ୍ତ୍ର ଯୋଜନା ପାଇଁ କ୍ୟାବିନେଟରେ ଅର୍ଥ ମଞ୍ଜୁରି, ଓଡ଼ିଶା ମୋବାଇଲ ଟାୱାର ଓ ଟେଲିଗ୍ରାଫ ନୀତିରେ ସଂଶୋଧନକୁ ମଞ୍ଜୁରି ବ୍ୟାଙ୍କ ଶାଖା ନଥିବା ପଞ୍ଚାୟତକୁ ମିଳିବ ବ୍ୟାଙ୍କିଙ୍ଗ ସୁବିଧା ଦିଆଯିବ। ରାଜ୍ୟର ୪୩୭୩ ପଞ୍ଚାୟତରେ ସିଏସପି ପ୍ଲସ ବ୍ୟାଙ୍କିଙ୍ଗ ଆଉଟଲେଟ ଖୋଲିବା ପ୍ରସ୍ତାବରେ ମୋହର ଲାଗିଛି।

## ଦୀପିକାଙ୍କ ପୁଅର ବାପା ଦିନେଶ: ଡିଏନଏ ରିପୋର୍ଟ



ବ୍ରହ୍ମପୁର, ୧୧/୦୮ (ନି.ପ୍ର): ବ୍ରହ୍ମପୁର ବଡବଜାର ଦେଶୀ ବେହେରା ସାହିର କେ. ଦିନେଶ କୁମାର ଏବଂ ଦୀପିକାଙ୍କ ସମ୍ପର୍କକୁ ନେଇ ସୃଷ୍ଟି ହୋଇଥିବା ହାଇଡ୍ରାମାରେ ଆସିଛି ନୂଆ ଟ୍ୱିଷ୍ଟ। କେ. ଦିନେଶ କୁମାର ଏବଂ ଦୀପିକାଙ୍କ ଡିଏନଏ ରିପୋର୍ଟ ସାମ୍ନାକୁ ଆସିଛି। ମିଳିଥିବା ରିପୋର୍ଟରେ ହିଁ ଦର୍ଶାଯାଇଛି ଜନ୍ମିତ ଶିଶୁପୁତ୍ର ସନ୍ତାନର ବାୟୋଲୋଜିକାଲ ପ୍ୟାରେଣ୍ଟସ ବା ବାପାମାଆ ହେଉଛନ୍ତି ଦିନେଶ ଏବଂ ଦୀପିକା। ୨୦୨୨ ମସିହାରେ ଏହି ରିପୋର୍ଟ ରାଜ୍ୟ ଫୋରେସିକ୍ ଲାବ୍ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଉଲ୍ଲେଖ ରହିଛି। ବ୍ରହ୍ମପୁର ଏସ୍ ?ପିଙ୍କ ସୂଚନା ଅନୁସାରେ, ଶିଶୁ ପୁତ୍ରର ବାପା କେ. ଦିନେଶ କୁମାର ଦାବି କରି ୨୦୨୧ରେ ଟାଉନ ଥାନାରେ ମାମଲା ରୁଜୁ କରିଥିଲେ ଦୀପିକା। ପରବର୍ତ୍ତୀ ସମୟରେ ଏହି ମାମଲା କୋର୍ଟରେ ପହଞ୍ଚିଥିଲା। ଦୀପିକା ନିଜର ପ୍ରେମିକ କେ. ଦିନେଶ ଓ ଶିଶୁପୁତ୍ରର ଡିଏନଏ ଟେଷ୍ଟ ପାଇଁ କୋର୍ଟରେ ଅପିଲ କରିଥିଲେ। କୋର୍ଟଙ୍କ ▶▶ପୃଷ୍ଠା ୭

# ପୁରୀ ଜିଲ୍ଲାରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ: ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପିଲା




ପୁରୀ, ୧୧/୦୭ (ନି.ପ୍ର): ବଢୁଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା । ମାତ୍ର ୫ ଦିନ ମଧ୍ୟରେ ୪୩ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ରାଜଧାନୀ ସହ ତାଳ ଦେବାକୁ ପ୍ରସ୍ତୁତ ହେଲାଣି ପୁରୀ । ଗତ ୪ ତାରିଖର ତଥ୍ୟ ଅନୁଯାୟୀ ମୋଟ୍ ୫୭ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୯ ତାରିଖ ସୁଦ୍ଧା ଏହି ଅଙ୍କ ୯୯ ଛୁଇଁଛି । ଆଜି ତାରିଖରେ ଏହି ସଂଖ୍ୟା ୧୦୦ ଅତିକ୍ରମ କରିସାରିଲାଣି । ବହିରାଗତ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ । ଭୁବନେଶ୍ୱରକୁ ଦୈନିକ ଯା'ଆସ କରୁଥିବା ବ୍ୟକ୍ତିବିଶେଷ ବେଶି ଆକ୍ରାନ୍ତ ହୋଇଛନ୍ତି । ଭୁବନେଶ୍ୱରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଯେତେ ବଢୁଛି, ଏଠାରେ ତା'ର ପ୍ରଭାବ ପରିଲକ୍ଷିତ ହେଉଛି । ବିସ୍ଫୋରଣ ଭଳି ସ୍ଥିତି ଉପୁଜିନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଦିଓ କୁହାଯାଇଛି, ମାତ୍ର ଏଇ ୫ ଦିନର ତଥ୍ୟ ସତର୍କ ଘଣ୍ଟି ବଜାଇସାରିଛି । ପୌରାଞ୍ଚଳରେ ସର୍ବାଧିକ ୨୩ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏହା ପଛକୁ ରହିଛି ଚନ୍ଦନପୁର । ସେଠାରେ ୨୨ଜଣ ଆକ୍ରାନ୍ତ ହୋଇଛନ୍ତି । ସରକାରୀ ସ୍ତରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ତୃଣମୂଳ ସ୍ତରରେ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରିବା ପାଇଁ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତାରେ ପଦକ୍ଷେପ ନିଆଯାଉଛି । ମାତ୍ର ସଚେତନତାର ଅଭାବ ଓ ହେୟଜ୍ଞାନ ପାଇଁ ପୁରୀରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଅତିକ୍ରମ କରିଲାଣି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୯୯ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୩୮ ଜଣ ବହିରାଗତ ରୋଗୀ ହୋଇଥିବା ବେଳେ ୩୦ ଜଣ ସ୍ଥାନୀୟ ଭାବେ ଡେଙ୍ଗୁ ଆକ୍ରାନ୍ତ ହୋଇଛନ୍ତି । ଆଉ ୨୯ ଜଣ ସ୍ଥାନୀୟ ନା ବହିରାଗତ ଭାବେ ଡେଙ୍ଗୁ ଆକ୍ରାନ୍ତ ହୋଇଛନ୍ତି ତାହା ଏବେ ତଦନ୍ତ ପରିସରଭୁକ୍ତ ଅଛି । ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡା. ଲଲାଟେନ୍ଦୁ ନାୟକ କହିଛନ୍ତି, ଏବେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬ ଶଯ୍ୟା ବିଶିଷ୍ଟ ଡେଙ୍ଗୁ ଚିକିତ୍ସା କେନ୍ଦ୍ର ରହିଛି । ଆବଶ୍ୟକସ୍ଥଳେ ଏକାନ୍ତବାସ ୱାର୍ଡର କିଛି ଶଯ୍ୟାକୁ ବ୍ୟବହାର କରାଯିବା ନେଇ ପ୍ରସ୍ତୁତି କରାଯାଇଛି ।

# ଫରୱାର୍ଡ଼ ବ୍ଲକର ଦୁଇଦିନିଆ ରାଜ୍ୟ କମିଟି ବୈଠକ ଉଦ୍‌ଯାପିତ

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍‌ର ଓଡ଼ିଶା ରାଜ୍ୟ କମିଟି ବୈଠକ ଅଗଷ୍ଟ ୯ ଓ ୧୦ ଦୁଇଦିନ ଧରି ନେତାଜୀ ଭବନ ଠାରେ ଉଦ୍‌ଯାପିତ ହୋଇଯାଇଛି । ଫରୱାର୍ଡ଼ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦୁଇଦିନିଆ ବୈଠକରେ ଫରୱାର୍ଡ଼ ବ୍ଲକର ସର୍ବଭାରତୀୟ ସାଧାରଣ ସମ୍ପାଦକ ସାଥୀ ଜି. ଦେବରାଜନ କେନ୍ଦ୍ରର ବିଜେପି ଓ ରାଜ୍ୟରେ ବିଜେଡ଼ି ସରକାରର ଜନିବରୋଧି ନୀତି ଫଳରେ ସାଧାରଣ ଜନତା ଦୁର୍ଦ୍ଦଶ ଭୋଗ କରୁଛନ୍ତି । ଅତ୍ୟାବ୍ୟଶ୍ୟକୀୟ ସାମଗ୍ରୀ ଦରଦାମ ଆକାଶଛୁଆଁ ହୋଇଛି । ଆର୍ନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ମାତ୍ରାଧିକ ହ୍ରାସ ପାଇଥିଲେ ମଧ ଆମ ଦେଶରେ ପେଟ୍ରୋଲ, ଡିଜେଲ ଓ ଇନ୍ଧନଗ୍ୟାସ୍ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ସରକାରଙ୍କ ନିୟନ୍ତ୍ରଣ ବାହାରେ ରହିଛି । ଦେଶରେ ବେକାରୀ, ଛଟେଇ ଏବଂ ତାଲାବନ୍ଦ ଆଦିର ମୁକାବିଲା କରିବାରେ ବ୍ୟର୍ଥ କେନ୍ଦ୍ର ବିଜେପି ସରକାର ସାରା ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରି ନିଜସ୍ୱ ରାଜନୈତିକ ସ୍ୱାର୍ଥ ସାଧନରେ ବ୍ୟସ୍ତ । କୃଷକ ଓ ଶ୍ରମଜୀବୀ ମଣିଷଙ୍କ ଦୁର୍ଦ୍ଦଶା କହିଲେ ନସରେ । ସାରା ଦେଶରେ ଦେଖା ଦେଇଥିବା ଏଭଳି ଜନ ସମସ୍ୟାର ସମାଧାନ ପାଇଁ ଜନସମସ୍ୟାକୁ ଜନ ଆନ୍ଦୋଳନର ରୂପ ଦେଇ ସମସ୍ୟାର ସମାଧାନ କରିବା ସହ ଜନବାଦୀ ବିକଳ୍ପ ଗଢି ତୋଳିବାକୁ ଫରୱାର୍ଡ଼ ବ୍ଲକର ସାଥୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ପରିବର୍ଦ୍ଧିତ ରାଜ୍ୟ କମିଟି ବୈଠକରେ ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ପାର୍ଟିର ରାଜନୈତିକ ଓ ସାଂଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ । ଏହି ଦୁଇଦିନିଆ ବୈଠକରେ ସବିଶେଷ ଆଲୋଚନା କରାଯାଇ ଆଗାମୀ ଦିନର ପାର୍ଟିର ସାଂଗଠନିକ ରଣନୀତି ନିର୍ଦ୍ଧାରଣ କରାଯାଇଥିଲା । ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶକୁ ପ୍ରତିଟି ମଣିଷ ପାଖରେ ପହଂଚାଇବା ପାଇଁ 'ହର୍ ଘର୍ ନେତାଜୀ' କାର୍ଯ୍ୟକ୍ରମର ଅୟମାରମ୍ଭ କରାଯାଇଥିଲା । ପାର୍ଟିର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସାଥୀ ଜି. ଦେବରାଜନ 'ହର୍ ଘର୍ ନେତାଜୀ' କାର୍ଯ୍ୟକ୍ରମର ଏକ ପୋଷ୍ଟରକୁ ଉନ୍ମୋଚନ କରିଥିଲେ ।

ଏହି ଅଭିଯାନ ପ୍ରଥମ ପର୍ଯ୍ୟାୟରେ ଆଜାଦ୍ ହିନ୍ଦ୍ ସରକାରର ପ୍ରତିଷ୍ଠା ଦିବସ ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ଏବଂ ଏହି ସମୟ ଅବଧି ମଧ୍ୟରେ ରାଜ୍ୟରେ ଏକଲକ୍ଷ ପରିବାର ନିକଟରେ ନେତାଜୀଙ୍କ ବାର୍ତ୍ତାକୁ ପହଂଚାଇ ସେମାନଙ୍କୁ ଫରୱାର୍ଡ଼ ବ୍ଲକ ଯୋଡ଼ିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଅକ୍ଟୋବର ୨୧ ତାରିଖ ଦିନ ଫରୱାର୍ଡ଼ ବ୍ଲକ ରାଜ୍ୟସ୍ତରୀୟ ସମାବେଶ ଭୁବନେଶ୍ୱରରେ ସଂଗଠିତ କରିବାକୁ ନିଷ୍ପତି ନିଆଯାଇଛି ।

# ଡକାୟତି ଯୋଜନା ପଣ୍ଡ: ପାଂଚ ଜଣଙ୍କୁ ବାନ୍ଧିଲା ପୋଲିସ

ବଲାଙ୍ଗୀର, ୧୧/୦୭ (ନି.ପ୍ର): ଏକ ବଡ଼ ଧରଣର ପେଟ୍ରୋଲ୍ ପମ୍ପ ଡକାୟତି ଯୋଜନା ପଣ୍ଡ କରିବାରେ ବଲାଙ୍ଗିର ପୋଲିସକୁ ମିଳିଛି ବଡ଼ ସଫଳତା । ବଲାଙ୍ଗିର ଏସ୍‌ଡ଼ିପିଓ ତୋଫାନ ବାଗଙ୍କ ସୂଚନା ଅନୁସାରେ ଗତ ରାତିରେ ପେଟ୍ରୋଲିଂ ସମୟରେ ବଲାଙ୍ଗିର ରେଲୱେ ଷ୍ଟେସନ୍ ରୋଡ୍ ଅଂଚଳରେ କିଛି ଡକାୟତ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ବଲାଙ୍ଗିର ଟାଉନ୍ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ତୁରନ୍ତ ସ୍ପେସାଲ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ୫ ଜଣ ଡକାୟତଙ୍କୁ ଗିରଫ୍ କରାଯିବା ସହ ସେମାନଙ୍କ ଠାରୁ ଲୁହା ରଡ୍, ଛୁରି ଆଦି ମାରଣାସ୍ତ୍ର ଜବତ୍ କରା ଯାଇଥିବା ଏସ୍‌ଡିପିଓ ଶ୍ରୀ ବାଗ ସୂଚନା ଦେଇଛନ୍ତି । ଗିରଫ୍ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁରର ଝୁପୁଡ଼ିପଡ଼ା ଏବଂ ବଲାଙ୍ଗିର ସହରର ରାଜା ଓରଫ୍ ବିଶ୍ୱଜିତ ମହାନନ୍ଦ, ଜଗନ ଓରଫ୍ ସିଦ୍ଧାନ୍ତ ଖୁରା, ବିକାଶ କୁମାର ସାହୁ, ସାଗର ଖେଟୁଆଲ୍ ଏବଂ ସୀତମ ଓରଫ୍ ରବୀନ୍ଦ୍ର ପ୍ରସାଦ ସୁରୁଜାଲ । ତେବେ ରାଜା ଓରଫ୍ ବିଶ୍ୱଜିତ ମହାନନ୍ଦ ବିଗତ ସମୟରେ ଏକ ଚେନ୍ ଟାଣିବା ଘଟଣାର ଅଭିଯୁକ୍ତ ହୋଇଥିବା ବେଳେ ତାକୁ ପୋଲିସ ଖୋଜୁଥିଲା ।

# ଗ୍ରାମୀଣ ଡାକ ସେବକ ସଂଘର ଏକ ଦିବସୀୟ ଧାରଣା ବିକ୍ଷୋଭ

ଜୟପୁର, ୧୧/୦୭ (ନି.ପ୍ର): ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ସର୍ବଭାରତୀୟ ଗ୍ରାମୀଣ ଡାକ ସେବକ ସଂଘର ଆହ୍ୱାନ କ୍ରମେ ଧାରଣା ଓ ବିକ୍ଷୋଭ ସଂଗଠିତ ହୋଇଯାଇଛି । ମୁଖ୍ୟତଃ ଗ୍ରାମୀଣ ଡାକ ସେବକ ଙ୍କୁ କର୍ମଚାରୀ ର ମାନ୍ୟତା ଦେଇ ଚାରି ଘଂଟା ବଦଳରେ ଆଠ ଘଂଟା କାମର ଦରମା ଦେବା , ଇନସେନଟିଭ୍ ନାଁ ରେ ଅଧିକ ସମୟ କାମ କରେଇବା ବନ୍ଦ କରି ସପ୍ତମ ବେତନ କମିଶନ ସୁପାରିଶ ଲାଗୁ କରିବା, କମଲେଶ୍ ଚନ୍ଦ୍ରା କମିଶନ ରିପୋର୍ଟ ଲାଗୁ କରିବା , ଗ୍ରାଚ୍ୟୁଇଟି ପାଂଚ ଲକ୍ଷ ଟଙ୍କା କୁ ବୃଦ୍ଧି କରିବା, ୧୦୮ ଦିନ ଛୁଟି ସଂରକ୍ଷଣ ପରେ ବଳକା ଛୁଟିର ପାଉଣା ଦେବା, ଜିଡିଏସ ଓ ପରିବାର ସଦସ୍ୟ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା, ଜିଡିଏସ ମାନଙ୍କୁ କମିଶନ ଦେଇ ଟାର୍ଗେଟ ଧାର୍ଯ୍ୟ ଦେବା ବନ୍ଦ କରିବା ଆଦି ଦାବି ନେଇ ଆନ୍ଦୋଳନ ଜାରି ରହିଛି । ଆଗାମୀ ଦୁଇ ମାସ ମଧ୍ୟରେ ଯଦି ଦାବି ପୂରଣ ନହୁଏ ତେବେ ପୁନର୍ବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରାଯିବ ବୋଲି ସର୍ବଭାରତୀୟ କାର୍ଯ୍ୟକାରୀ ସଭାପତି ଶ୍ରୀ ରାଜେନ୍ଦ୍ର ସାହୁ ପ୍ରକାଶ କରିଛନ୍ତି । ଆଜିର ଧାରଣା କୁ ସଭାପତି ଦେବରାଜ ଦାସ, କାର୍ଯ୍ୟକାରୀ ସଭାପତି ଜଗଦୀଶ କର, ସହ ସମ୍ପାଦକ ଶିଶିର ଗନ୍ତାୟତ, ସମ୍ପାଦକ ସହଦେବ ହରିଜନ,ଶରତ ଦାସ , ଅରୁଣ ମିଶ୍ର, କୈଳାସ ପଟ୍ଟନାୟକ,ମୋହନ ରାଓ ଏବଂ ସିଟିକୋଅର୍ଡିନେସନ କମିଟିର ଅଧ୍ୟକ୍ଷ ରାମକୃଷ୍ଣ ସାହୁ , ଉପସଭାପତି ନଳିନୀ ରଥ, ସାଧାରଣ ସମ୍ପାଦକ ଶ୍ରୀ ପ୍ରମୋଦ କୁମାର ମହାନ୍ତି, ମାଧବ ଚୌଧୁରୀ ପ୍ରମୁଖ ଉଦବୋଧନ ଦେଇଥିଲେ । ପିଏସପିଓଙ୍କୁ ସ୍ମାରକପତ୍ର ପ୍ରଦାନ ପରେ ଧାରଣା ଭଙ୍ଗ ହୋଇଥିଲା ।

# ଜିଲ୍ଲା ସ୍ତରୀୟ ଜାତୀୟ କୃମି ନାଶକ ଦିବସ ଅନୁଷ୍ଠିତ

ମାଲକାନଗିରି, ୧୧/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ଜାତୀୟ କୃମି ନାଶକ ଦିବସ ଆଇ.ଏମ୍.ଏସ୍.ଟି ବିଦ୍ୟାଳୟରେ ଉଦ୍‌ଘାଟନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ଓ ସମ୍ମାନୀୟ ଅତିଥି ଭାବେ ମୁଖ୍ୟ ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଫୁଲ୍ଲ କୁମାର ନନ୍ଦ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଶ୍ରୀମତୀ ସସ୍ମିତା ସାହୁ ମଂଚ ପରିଚାଳନା ଦାୟିତ୍ୱ ନେଇଥିଲେ । ସମଗ୍ର ଜିଲ୍ଲାରେ ୫ ରୁ ୧୯ ବର୍ଷର ମୋଟ ୨ ଲକ୍ଷ ୪୪ ହଜାର ୩୯୧ ଜଣ ଓ ୨୦ ରୁ ୨୪ ବର୍ଷର ୨୯ ହଜାର ୧୮୧ ପ୍ରଜନନ କ୍ଷମ ମହିଳାଙ୍କୁ କୃମି ନାଶକ ଔଷଧ ଖୁଆଇବାର ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଛି । ୧ ରୁ ୫ ବର୍ଷ ଶିଶୁମାନେ ସିରପ ଓ ୬ ବର୍ଷ ଠାରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ବଟିକା ଖାଇବାକୁ ଦିଆଯାଉଛି ।

# ତୁଳସୀ ମହିଳା ମହାବିଦ୍ୟାଳୟର ୪୫ ତମ ପ୍ରତିଷ୍ଠା ଦିବସ ପାଳନ

କେନ୍ଦ୍ରାପଡ଼ା, ୧୧/୦୭ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ଗ୍ରାମରେ ଥିବା ତୁଳସୀ ମହିଳା ମହା ବିଦ୍ୟାଳୟର ୪୫ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଅଧକ୍ଷା ଡ଼ଃ ପ୍ରମିଳା ରାଣୀ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବରେ ଉଚ୍ଚ ଶିକ୍ଷା, ସମବାୟ ତଥା ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳା ମାନଙ୍କ ସୈକ୍ଷୀକ ବିକାଶ ଓ ସାମାଜିକ ଅଗ୍ରସରତା ଉପରେ ଗୁରୁତ୍ୱ ଦେବା ସହ ଓଡିଶାକୁ ଆନ୍ତର୍ଜାତିକ ମାନଚିତ୍ରରେ ସ୍ଥାନ ଦେବାପାଇଁ ସବୁବେଳେ ଉଦ୍ୟମ କରି ଆସୁଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାରୀ ଶିକ୍ଷା ନୀତି ଉପରେ ଆଲୋଚନା କରିଥିଲେ । ଆମ ଇତିହାସ, ସଂସ୍କୃତି ବିଷୟରେ ଛାତ୍ରୀମାନେ ଜାଣିଲେ ଜିଣିବେ ଓ ପ୍ରତିଯୋଗିତା ମାନଙ୍କରେ ସଫଳତା ଅର୍ଜନ କରିପାରିବେ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବିଧାୟକ ଶଶି ଭୂଷଣ ବେହେରା ଯୋଗ ଦେଇ ଫକିର ମୋହନ ସେନାପତିଙ୍କ ରେବତୀ ଗଳ୍ପର ପୃଷ୍ଠଭୂମି ଆଜିବି ପ୍ରାସଙ୍ଗିକତା ରଖିଛି ବୋଲି କହିଥିଲେ । ତୁଳସୀ ମହିଳା ମହା ବିଦ୍ୟାଳୟର ସମସ୍ତ ପ୍ରକାର ଉନ୍ନତିରେ ଅର୍ଥ ବାଧକ ହେବ ନାହିଁ ବୋଲି ସୂଚନା ଦେବା ସହ ସଭାଗୃହରେ ଏସି ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅଧକ୍ଷା ଶ୍ରୀମତୀ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼ଃ ମଥୁରୀ ଚରଣ ନାୟକ ଅତିଥି ପରିଚୟ ଓ ଅଧାପିକା ଜ୍ୟୋସ୍ନାରାଣୀ ପତି ବାର୍ଷିକ ବିବରଣୀ ପାଠ କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ପୌରାଧକ୍ଷା ସରିତା ସାହୁ ଓ ପରିଚାଳନା କମିଟିର ସଭାପତି ଡ଼ଃ ଅମୀୟ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ମନ୍ତ୍ରୀ ଶ୍ରୀ ନାୟକ ଓ ବିଧାୟକ ଶ୍ରୀ ବେହେରା ପ୍ରମୁଖ କଲେଜର ପ୍ରତିଷ୍ଠାତ୍ରୀ ନାରୀନେତ୍ରୀ ଧିରାମଣୀ ଦେବୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଛାତ୍ରୀ ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥି ମାନେ ଅବସରପ୍ରାପ୍ତ ଅଧାପକ, ଅଧାପିକା ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ବିଭିନ୍ନ ବିଭାଗର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଥିଲା । କଲେଜର ମୁଖପତ୍ର ତୃଷ୍ଣା କୁ ଅତିଥି ମାନେ ଉନ୍ମୋଚିତ କରିଥିଲେ । ଡ଼ଃ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ଅଧାପକ, ଅଧାପିକା, ପୁରାତନ ଛାତ୍ରୀ ଓ ସମାଜସେବୀ ମାନେ ଯୋଗ ଦେଇଥିଲେ ।

# ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶା ସାହିତ୍ୟର ଅବଦାନ ଶୀର୍ଷକ ଆଲୋଚନାଚକ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ବଙ୍ଗଳା ଭାଷାରେ କାଜି ନଜରୁଲ ଇସଲାମ, ହିନ୍ଦୀ ସାହିତ୍ୟରେ ମୈଥିଳୀଶରଣ ଗୁପ୍ତା, ସୂର୍ଯ୍ୟକାନ୍ତ ତ୍ରିପାଠୀ 'ନିରଲା'ଙ୍କ ପରି ଓଡ଼ିଶାରେ ଉତ୍କଳମଣି ଗୋପବନ୍ଧୁ ଦାସ, ଜାତୀୟ କବି ବୀରକିଶୋର ଦାସ, ସଚ୍ଚି ରାଉତରାୟ, ମନମୋହନ ମିଶ୍ର, ରାଧାମୋହନ ଗଡ଼ନାୟକ ପ୍ରମୁଖ କବି ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ନିଜ ନିଜର ରଚନା ଦ୍ୱାରା ପ୍ରଭାବିତ କରିଥିଲେ । ସେହିପରି ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ମାଳତୀ ଦେବୀ, ସରଳା ଦେବୀଙ୍କ ପରି ବହୁ ସ୍ୱାଧୀନତା ସଂଗ୍ରାମୀ ବହୁ ଭାବେ ସ୍ୱାଧୀନତା ଆନ୍ଦୋଳନକୁ ଅବ୍ୟାହତ ରଖିଥିଲେ ବୋଲି ବିଶିଷ୍ଟବକ୍ତାମାନେ ପ୍ରକାଶ କରିଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ 'ସ୍ୱାଧୀନତା ସଂଗ୍ରମାକୁ ଓଡ଼ିଶା ସାହିତ୍ୟର ଅବଦାନ' ଶୀର୍ଷକ ଆଲୋଚନାଚକ୍ରକୁ ଉଦଘାଟନ କରି ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ କହିଥିଲେ ଯେ ସେତେବେଳେ ଓଡ଼ିଶାରେ ଆଜିପରି ସାକ୍ଷରତା ନ ଥିବାରୁ ଜାତୀୟ କବି ବୀରକିଶୋର ଦାସଙ୍କ କବିତାକୁ ଲୋକେ ହାରମୋନିୟମ ଧରି ଗାଉଥିଲେ । ପିଜି କାଉନସିଲ ଅଧକ୍ଷ ପ୍ରଫେସର ନବନୀତା ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ସାହିତ୍ୟର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସାହିତ୍ୟ ଏକାଡେମୀର ସଚିବ ଡ.କେ.ଶ୍ରୀନିବାସ ରାଓ ତାଙ୍କର ଭାଷଣରେ ଓଡ଼ିଶାରେ ନାରୀ ଲେଖକ ଏବଂ ସ୍ୱାଧୀତତା ସଂଗ୍ରାମୀଙ୍କ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଆବାହକ ଡ.ଗୌରହରି ଦାସ କହିଥିଲେ ଯେ ସାହିତ୍ୟ ଚିରକାଳ ସଂଗ୍ରମର ବାର୍ତାବହ ଏବଂ ପରିବର୍ତନର ଭାଷ୍ୟକାର ଭାବେ ତାଙ୍କ ଭୂମିକା ନିର୍ବାହ କରିଆସିଛି । ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସଂଯୋଜକ ଡ.ରମେଶଚନ୍ଦ୍ର ମଲ୍ଲିକ ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ରଖିଥିଲେ । ଡ.ନିବେଦିତା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ କାହ୍ନୁଚରଣ ଧୀର ଧନ୍ୟବାଦ ଅର୍ପଣ କରିଥିଲେ । ଆଜି କୃଷ୍ଣଚନ୍ଦ୍ର ପ୍ରଧାନ, ଶୁକମୁନି ବେହରେ ଓ ଲୋହିତାକ୍ଷ ଯୋଶୀ ପ୍ରବନ୍ଧ ପାଠ କରିଥିଲେ । ଦୁଇଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଆଲୋଚନାଚକ୍ରରେ ଓଡ଼ିଆ ଗୀତ ଓ କବିତା, ଓଡ଼ିଆ ନାଟକ, ଓଡ଼ିଆ ଗଳ୍ପ, ଓଡ଼ିଆ ପ୍ରବନ୍ଧ ଓ ପତ୍ରପତ୍ରିକା ଆଦି ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି ।

# ଅଟୋକୁ ପିଟିଲା ପିକଅପ୍ ଭ୍ୟାନ୍: ଅଟୋ ଡ୍ରାଇଭର ମୃତ

ଖୋର୍ଦ୍ଧା, ୧୧/୦୭ (ନି.ପ୍ର): ଅଟୋ ମରାମତି କରୁଥିବା ବେଳେ ଅଟୋ ଡ୍ରାଇଭର ଉପରେ ଚଢ଼ିଗଲା ପିକଅପ୍ ଭ୍ୟାନ୍ । ଫଳରେ ଘଟଣାସ୍ଥଳରେ ଅଟୋ ଡ୍ରାଇଭର ର ମୃତ୍ୟୁ ଘଟିଛି । ମୃତକ ହେଲେ ଚିଲିକା ବ୍ଲକ ଅଠରବାଟିଆ ପଂଚାୟତ ଅନ୍ତର୍ଗତ ଛେଡାପଦର ଗ୍ରାମର ସୁଦାମ ଚରଣ ଜାଲି ୩୫ ବର୍ଷ ।ଏଭଳି ଏକ ଦୁଃଖଦ ଘଟଣା ଘଟିଯାଇଛି ୧୬ ନଂ ଜାତୀୟ ରାଜପଥ ଚଣ୍ଡେଶ୍ୱର ନିକଟରେ । ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତିରେ ସୁଦାମ ଅଟୋ ରିକ୍ସାରେ କିଛି ଯାତ୍ରୀଙ୍କୁ ନେଇ ବାଲୁଗାଁ ଅଭିମୁଖେ ଯାଉଥିଲେ । ତେବେ ୧୬ ନଂ ଜାତୀୟ ରାଜପଥ ଚଣ୍ଡେଶ୍ୱର ଓଭରବ୍ରିଜ୍ ଉପରେ ଅଟୋଟି ଖରାପ ହୋଇ ଯାଇଥିଲା । ଫଳରେ ଚାଳକ ସୁଦାମ ଅଟୋ ସଜାଡୁଥିବା ସମୟରେ ପଛ ପଟୁ ଏକ ପିକଅପ୍ ଭ୍ୟାନ୍ ଧକ୍କା ଦେବା ସହ ସୁଦାମଙ୍କ ଉପରେ ଚଢି ଯାଇଥିଲା ।ଫଳରେ ଘଟଣାସ୍ଥଳରେ ଚାଳକ ସୁଦାମଙ୍କ ମୃତ୍ୟୁ ହୋଇଥିଲା ।ଖବର ପାଇ ଟାଙ୍ଗୀ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ତେବେ ଅଟୋ ରିକ୍ସା ଚାଳକଙ୍କ ମୃତ୍ୟୁ ଖବର ପାଇ ଡ୍ରାଇଭର ମହାସଙ୍ଘର ସଦସ୍ୟ ଟାଙ୍ଗୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ଅଟୋ ରିକ୍ସା ଚାଳକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ।

# କେଲୁଅ ନଦୀର ପ୍ରଖର ସ୍ରୋତରେ ଭାସି ଯୁବତୀ ନିଖୋଜ : ଉଦ୍ଧାର କାର୍ଯ୍ୟ ଜାରି

ଧର୍ମଶାଳା, ୧୧/୦୭ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ବରପଦା ପଂଚାୟତସ୍ଥ ନିଆଳି ଗ୍ରାମରେ ଅଘଟଣ । ବ୍ରାହ୍ମଣୀର ଶାଖା କେଲୁଅ ନଦୀରେ ଜଣେ ଯୁବତୀ ଗାଧୋଉଥିବା ସମୟରେ ପ୍ରଖର ସ୍ରୋତରେ ଭାସି ନିଖୋଜ ହୋଇଯାଇଥିବା ଜଣାପଡିଛି । ନିଖୋଜ ଯୁବତୀ ଜଣକ ହେଲେ ନିଆଳି ଗ୍ରାମର ସରୋଜ କୁମାର ପରିଡାଙ୍କ ୨୨ ବର୍ଷୀୟ ଝିଅ ସସ୍ମିତା ଓ ଓରଫ କଣ୍ଢେଇ ବୋଲି ଜଣାପଡିଛି । । ସେ ନିଜ ଦୁଇ ସମ୍ପର୍କୀୟଙ୍କ ସହ ଗୁରୁବାର ସକାଳ ୬ଟା ସମୟରେ ସାଂଗ ହୋଇ ଗାଧୋଇବାକୁ ଯାଇଥିଲେ । ଗାଟୋଇବା ସମୟରେ ପାଣିର ପ୍ରଖର ସ୍ରୋତରେ ସେ ସମ୍ପର୍କୀୟଙ୍କ ଆଖି ଆଗରେ ଭାସି ନିଖୋଜ ହୋଇଯାଇଥିଲେ । ହେଲେ ଗ୍ରାମବାସୀଙ୍କ ପକ୍ଷରୁ ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ କଣ୍ଢେଇର ପତା ପାଇପାରି ନ ଥିଲେ । ଖବର ପାଇ ବହୁ ବିଳମ୍ବରେ ଯାଜପୁର ଟାଉନ ଅଗ୍ନୀସେବା ବିଭାଗ ଘଟଣାସ୍ଥଳରେ ପଂହଚି ଖୋଜାଖୋଜି କରିଥିଲେ ମଧ୍ୟ ରିପୋର୍ଟ ଲେଖାହେବା ଯାଉ ତାଙ୍କର ସନ୍ଧାନ ମିଳି ପାରି ନ ଥିବା ଜଣାପଡିଛି । ଅଗ୍ନିଶମ ବିଭାଗ ଖବର ଦେବାର ୪ ଘଂଟା ପରେ ଘଟଣାସ୍ଥଳରେ ପଂହଚିବା ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅନ୍ୟ ପକ୍ଷେ ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପଂହଚି ଘଟଣାର ତଦନ୍ତ ଆରମ୍ଭ କରିଛି । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳି ଯାଇଛି ।

# ଡାକ ବିଭାଗ ତରଫରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୧/୦୭ (ନି.ପ୍ର): କେନ୍ଦ୍ରାପଡା ମୁଖ୍ୟ ଡାକଘର ତରଫରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡାକ ବିଭାଗ ଅଧିକ୍ଷକ ଦେବରାଜ ସେଠୀଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ହାତରେ ଜାତୀୟ ପତାକା ଧରି ଏକ ଶୋଭାଯାତ୍ରାରେ କେନ୍ଦ୍ରାପଡା ମୁଖ୍ୟ ଡାକଘରୁ ବାହାରି ସହର ପରିକ୍ରମା କରି ସାନ୍ତସାହି ପୋଲ ପର୍ଯ୍ୟନ୍ତ ଯାଇ ପୁରୁଣା ମୁଖ୍ୟ ଚିକିତ୍ସାଳୟ ବାଟ ଦେଇ ସେଠାରୁ ମୁଖ୍ୟ ଡାକଘରେ ପହଁଚିଥିଲେ । ଏହି ଶୋଭାଯାତ୍ରାରେ ଦେଶଭକ୍ତିର ସ୍ଲୋଗାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ଡାକ ଅଧିକ୍ଷକ ବିଜୟ କୁମାର ପ୍ରଧାନ, ଡାକଘର ମୁଖ୍ୟ ପୋଷ୍ଟ ମାଷ୍ଟର ଜ୍ଞାନଚାନ୍ଦ ପରିଡାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

# ଅସମାଜିକଙ୍କ ଆଡ଼ାସ୍ଥଳୀ ଓ ଶୌଚାଳୟ ପାଲଟି ଗଲାଣି ମୁକ୍ତା ଯୋଜନାରେ ନବନିର୍ମିତ ଭେଣ୍ଡିଂ ଜୋନ

ରାୟଗଡ଼ା, ୧୧/୦୭ (ନି.ପ୍ର): ସରକାର କା ମାଲ ଦରିଆ ମେଡାଲ ସଦୃଶ୍ୟ ରାୟଗଡା ପୌର ପରିଷଦ ଅଧିନରେ ମୁକ୍ତା ଯୋଜନାରେ ନିର୍ମିତ ହୋଇଥିବା ଭେଣ୍ଡିଂ ଜୋନ ଏବେ ଭାଙ୍ଗି ଗଲାଣି ।ରାୟଗଡା ସହରର ଶାସ୍ତ୍ରୀନଗରରେ ଏବଂ ଚେକାଗୁଡାରେ ଦୁଇଟି ଭେଣ୍ଡିଂ ଜୋନ ୨୦୨୨-୨୩ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ ନିର୍ମାଣ କରାଯାଇଛି । ଶାସ୍ତ୍ରୀନଗରରେ ରହିଥିବା ଭେଣ୍ଡିଂ ଜୋନରେ ୧୪ଟି ଷ୍ଟଲ ରହିଥିବା ବେଳେ ପ୍ରାୟ ୧୬ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଛି । ସେହିପରି ଚେକାଗୁଡା ଠାରେ ରହିଥିବା ଭେଣ୍ଡିଂ ଜୋନରେ ୧୨ଟି ଷ୍ଟଲ ରହିଥିବା ବେଳେ ପ୍ରାୟ ୧୧ ଲକ୍ଷ ଟଂକାରେ ଏହା ନିର୍ମାଣ କରାଯାଇଛି । ରାସ୍ତାକଡରେ ବସୁଥିବା ବେପାରୀ ସହ ଅନ୍ୟ ବେପାରୀଙ୍କୁ ଥଇଥାନ କରିବା ପାଇଁ ଏହି ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି । କିନ୍ତୁ ନିର୍ମାଣ ହେବା ପରେ ଏହାକୁ ଉଦଘାଟନ କରାଯାଇପାରି ନାହିଁ । ଉଦଘାଟନ ହେବା ପୂର୍ବରୁ ଭେଣ୍ଡିଂ ଜୋନର ଷ୍ଟଲଗୁଡିକ ଭାଙ୍ଗି ଗଲାଣି । ଅଥବା କେହି ଷ୍ଟଲର ଟିଣଗୁଡିକକୁ ଭାଙ୍ଗି ସାରିଲେଣି । ଏହି ଷ୍ଟଲ ଭିତରେ ଅସାମାଜିକ ବ୍ୟକ୍ତିମାନେ ମଦ ପିଇବା ସହ ଅନ୍ୟ ଅସାମାଜିକ କାମ କରୁଥିବା ଦେଖିବାକୁ ମିଳିଛି । ଏପରିକି ଲୋକେ ଏଠାରେ ଶୌଚାଳୟ କରିସାରିଲେଣି । ଏହି ପରିବେଶକୁ ପୁତିଗନ୍ଧମୟ କରିସାରିଲେଣି । ଆଉ କିଛି ଦିନ ଏଭଳି ଅସହାୟ ଅବସ୍ଥାରେ ରହିଲେ ଗୋଟିଏ ବି ଟିଣ ଦୋକାନଗୁଡିକର ରହିବ ନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଥିଲେ ।ଏନେଇ ମୁକ୍ତା ଯୋଜନାର ଅଧିକାରୀଙ୍କୁ ପଚାରିବାରୁ ସେ ଠିକଠାକ ଉତ୍ତର ଦେଇନଥିଲେ । ସେ ବୁଝାଇବାକୁ ଚେଷ୍ଟା କରି ଷ୍ଟଲଗୁଡିକ ଟେଣ୍ଡର ହୋଇ ବେପାରୀଙ୍କୁ ଦିଆଯାଇସାରିଲାଣି ବୋଲି କହିଥିଲେ । ଅନ୍ୟଦିଗରେ ପୌର ନିର୍ବାହୀ ଅଧିକାରୀ କେଉଁଠି ଭେଣ୍ଡିଂ ଜୋନ ରହିଛି ଜାଣିନଥିବା କହିଥିଲେ । ଶାସ୍ତ୍ରୀନଗରର ଭେଣ୍ଡିଂ




ଜୋନ ଉଦଘାଟନ ପୂର୍ବରୁ ନଷ୍ଟ ହୋଇସାରିଲାଣି ବୋଲି ପଚାରିବାରୁ ସେ ଅନ୍ୟ ଅଧିକାରୀ ଏହା କେଉଁଠି ଅଛି ବୋଲି ପଚାରିବା ସହ ଦେଖୁଛି କଣ ହୋଇଛି ବୋଲି କହିଥିଲେ । ନିଜେ ପୌର ନିର୍ବାହୀ ଯନ୍ତ୍ରୀ ସହରର ମୁକ୍ତା ଯୋଜନାରେ କେଉଁ କେଉଁ ଉନ୍ନୟନ କାମ ହୋଇଛି ଜାଣିନଥିବା ହାସ୍ୟାସ୍ପଦ ବୋଲି କୁହାଯାଇଛି । ଲକ୍ଷାଧିକ ଟଂକାରେ ଏହୁ ଦୁଇଟି ଭେଣ୍ଡିଂ ଜୋନ ନିର୍ମାଣ ହୋଇଥିଲେ ମଧ ଏହା କାର୍ଯ୍ୟକାରୀ ହୋଇପାରୁନଥିବା ବେଳେ ସହରର ରାସ୍ତା କଡରେ ବେପାରୀମାନେ ନିଜର ପସରା ଖୋଲି ରାସ୍ତାକୁ ଅବରୋଧ କରୁଥିବା ଦେଖିବାକୁ ମିଳିଛି ।

ତେବେ ଭେଣ୍ଡିଂ ଜୋନର ଷ୍ଟଲଗୁଡିକ କେଉଁ କେଉଁ ଲୋକଙ୍କ ନାମରେ ପଞ୍ଜିକୃତ ହୋଇଛି ଏବଂ ସେମାନେ କାହିଁକି ସେଠାରେ ଦୋକାନ ଖୋଲୁନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି । ଭେଣ୍ଡିଂ ଜୋନ ନିର୍ମାଣ କରାଗଲା ସତ କିନ୍ତୁ ଏହାକୁ କିପରି କାର୍ଯ୍ୟକାରୀ କରାଯିବ ସେନେଇ କୌଣସି ପଦକ୍ଷେପ ନିଆଗଲା ନାହିଁ । ବିଭାଗ ସବୁ ଜାଣି ଅଜଣା ପାଲଟିଛି । ଲକ୍ଷ ଲକ୍ଷ ଟଙ୍କା କିପରି ମୁକ୍ତା ଯୋଜନାରେ ଆତ୍ମସାତ କରାଯାଉଛି ତାହାର ଏହା ହେଉଛି ଜ୍ୱଳନ୍ତ ଉଦାହରଣ । ମୁକ୍ତା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଯୋଜନା ମଧ୍ୟରୁ ଏହା ଗୋଟିଏ ବୋଲି କୁହାଯାଇଛି ।

# ନିମ୍ନ ରକ୍ତ ଶର୍କରା ସମସ୍ୟା କମାଇବ ଗ୍ଲୁକୋଜ୍ ବଟିକା




ମଧୁମେହ ପୀଡ଼ିତ ବ୍ୟକ୍ତି ଯେତେବେଳେ ରକ୍ତ ଶର୍କରା ହ୍ରାସ ସମ୍ପର୍କିତ ବିପଦପୂର୍ଣ୍ଣ ସମସ୍ୟା ସାମ୍ନା, କରନ୍ତି, ଏହି ସମୟରେ ଶର୍କରାଯୁକ୍ତ ଖାଦ୍ୟ ବା ପାନୀୟ ଅପେକ୍ଷା ଗ୍ଲୁକୋଜ୍ ବଟିକା ଭଲ ବିକଳ୍ପ ହୋଇପାରେ । ଏକ ଅଧ୍ୟୟନରେ ଏହି ପ୍ରସ୍ତାବ ଦେଇଛି । ଠିକ୍ ସମୟରେ ନଖାଇଲେ, ସାଧାରଣ ଦିନ ଅପେକ୍ଷା କଠିନ ବ୍ୟାୟାମ, ମାତ୍ରାଧିକ ଇନସୁଲିନ ବା ମଧୁମେହ ସମ୍ପର୍କିତ ଅନ୍ୟ ଔଷଧ ସେବନ ଦ୍ୱାରା ମଧୁମେହ ପୀଡ଼ିତଙ୍କ ଠାରେ ରକ୍ତ ଶର୍କରା ହ୍ରାସ ଦେଖାଯାଇପାରେ । ଶରୀରର ରକ୍ତ ଶର୍କରା ହ୍ରାସ ପାଇଲେ ବ୍ୟକ୍ତି କ୍ଲାନ୍ତ ଅନୁଭବ କରେ, ଚିନ୍ତାରେ ରହେ, ହୃତ୍‌ସ୍ପନ୍ଦନ ବଢ଼ିଯାଏ, ଝାଳ ବାହାରିବା ଓ ମାନସିକ ଦ୍ୱନ୍ଦ୍ୱ ଭଳି ସମସ୍ୟା ଦେଖାଯାଏ । ଠିକ୍ ସମୟରେ ଚିକିତ୍ସା କରାନଗଲେ କୋମାକୁ ମଧ୍ୟ ଚାଲିଯିବାର ଆଶଙ୍କା ଥାଏ । ନୂଆ ଅଧ୍ୟୟନ ନିମନ୍ତେ ମେଡ଼ିକାଲ ଲିଟରେଚରରୁ ଗବେଷକମାନେ ତଥ୍ୟ ନେଇଥିଲେ, ଯାହା ଖାଦ୍ୟ ଶର୍କରାର ପ୍ରଭାବ ଓ ନିମ୍ନ ରକ୍ତ ଶର୍କରା ଲକ୍ଷଣରୁ ରକ୍ଷା କରିଥିଲା । ଏଥିପାଇଁ ତିନିଟି ଭିନ୍ନ ଭିନ୍ନ ପରୀକ୍ଷା କରାଯାଇଥିଲା । ଏମର୍ଜେନ୍ସି ମେଡ଼ିକାଲ ଜର୍ଣ୍ଣାଲରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଅଧ୍ୟୟନରେ ବୟସ୍କ ଓ ପିଲାମାନେ ଟାଇପ-୧ କିମ୍ବା ଟାଇପ-୨ ମଧୁମେହରେ ପୀଡ଼ିତ ଥିଲେ । ୫୧୫ଜଣଙ୍କୁ ଶର୍କରା ଯୁକ୍ତ ଖାଦ୍ୟ ଦ୍ୱାରା ଚିକିତ୍ସା କରାଗଲା ଏବଂ ୨୩୨ଜଣଙ୍କୁ ଗ୍ଲୁକୋଜ ବଟିକା ଦିଆଗଲା । ୪ଟି ଅଧ୍ୟୟନରେ ଚକୋଲେଟ, କମଳାଜୁସ, ଜେଲି ବିନ୍ସ, କ୍ଷୀର, ଗ୍ଲୁକୋଜ ଜେଲ ଆଦି ବିଭିନ୍ନ ପ୍ରକାର ଶର୍କରାଯୁକ୍ତ ଖାଦ୍ୟ ବ୍ୟବହାର କରାଯାଇଥିଲା । ତେବେ ରକ୍ତ ଶର୍କରା ସ୍ତର ବଢ଼ାଇବାରେ ଗ୍ଲୁକୋଜ୍ ବଟିକା ପ୍ରଭାବଶାଳୀ ଜଣାପଡ଼ିଲା । ସମସ୍ତ ୪ଟି ଅଧ୍ୟୟନକୁ ମିଶାଇବା ପରେ ଜଣାପଡ଼ିଲା, ଗ୍ଲୁକୋଜ ବଟିକା ବ୍ୟବହାର କରିଥିବା ବ୍ୟକ୍ତି ଶୀଘ୍ର ସୁସ୍ଥ ଅନୁଭବ କରିଥିଲେ । ଅପରପକ୍ଷେ ଶର୍କରାଜାତୀୟ ଖାଦ୍ୟ ଗ୍ରହଣ କରିଥିବା ବ୍ୟକ୍ତି ୧୫ ମିନିଟ ମଧ୍ୟରେ ୧୧ପ୍ରତିଶତ କମ୍ ସୁସ୍ଥ ଅନୁଭବ କରିଥିଲେ ।

## ମୁଣ୍ଡ ବୁଲାଇଲେ...



- ସକାଳେ ସୂର୍ଯ୍ୟୋଦୟ ଆଗରୁ ଗାଧୋଇ ପୋଟଳପତ୍ର ରସରେ ମହୁ ମିଶାଇ ଖାଇବା ଉଚିତ୍ ।

- ଉଷୁମ ପାଣିରେ କାଗଜି ଲେମ୍ବୁରସ ମିଶାଇ ଖାଇବା ଦରକାର ।

- ଦୁବଘାସ ଅଗକୁ ଗୁଆଘିଅରେ ଭାଜି ଖାଇଲେ ମଧ୍ୟ ମୁଣ୍ଡ ବୁଲାଇବାରୁ ଉପଶମ ମିଳିଥାଏ ।

- କଷି ଡିମିରି ଘିଅରେ ଭାଜି ଖାଇବା ଉଚିତ୍ ।

ମିଶ୍ରି ସରବତରେ ଲେମ୍ବୁରସ ମିଶାଇ ପିଇବା ଦରକାର ।

- ଅଦାରସ, ତୁଳସୀରସ, ମହୁମିଶାଇ ଖାଇବା ଉଚିତ୍ ।

# ଫାଷ୍ଟଡେଟ୍‌ରେ ବେଷ୍ଟଲୁକ୍

ଏହା ଆପଣଙ୍କ ଫାଷ୍ଟଡେଟ୍ ଏବଂ ଆପଣ ସବୁଠୁ ବେଷ୍ଟ୍ ଲୁକ୍‌ରେ ରହିବା ଦରକାର । ପୋଷାକ ଏବଂ ଗହଣା ପସନ୍ଦ କରିବା ପରେ ପରବର୍ତ୍ତୀ କଥାକୁ ଆପଣ ଗୁରୁତ୍ୱ ଦେବେ ଏବଂ ତାହା ହେଉଛି ମେକଅପ୍ । ଯଦି ସଠିକ୍ ମେକଅପରେ ରହିପାରିବେ ତବେ ଆପଣଙ୍କୁ ଖୁବ୍ ଆରାମ ଲାଗିବ । ତେଣୁ ଆପଣଙ୍କ ଫାଷ୍ଟ ଡେଟରେ କେମିତି ମେକଅପ୍‌ରେ ରହିବେ ସେ ବିଷୟରେ ଜାଣନ୍ତୁ ।



- ଯେଉଁ ପୋଷାକ ପିନ୍ଧୁଛନ୍ତି ସେହି ପୋଷାକର ରଙ୍ଗ ଅନୁଯାୟୀ ଆପଣ ଏକ ଗାଢ଼ ଲିପ୍ କଲର ବାଛନ୍ତୁ । ଯଦି ବ୍ରାଇଟ୍ ଲିପ୍ କଲର ଚୁଜ୍ କରିଛନ୍ତି ତେବେ ଏକ ସଫ୍ଟ କଲରର ପୋଷାକ ବାଛି ପାରିବେ । ଓଠ ଚାରିପାଖକୁ ଅଧିକ ବ୍ରାଇଟ୍ କରିବା ପାଇଁ ଏକ କନସିଲର ମଧ୍ୟ ବ୍ୟବହାର କରିବା ଭଲ ହେବ ।

- ସକିନ୍ କଲର ଉପରେ ନିର୍ଭର କରେ ଆପଣ କେମିତି ଫାଉଣ୍ଡେସନ ଚୁଜ୍ କରିବେ । ଏହାକୁ ଭଲଭାବେ ଆପ୍ଲାଏ କରନ୍ତୁ ଯାହାଦ୍ୱାରା ଆପଣଙ୍କ ତ୍ୱଚା ନ୍ୟାଚୁରାଲ ଲାଗିବ । ମୁହଁରେ ଯଦି କିଛି କଳାଦାଗ ଥାଏ ତେବେ ଏହାକୁ ଲୁଚାଇବା ପାଇଁ ଏକ କନସିଲରବ୍ୟବହାର କରନ୍ତୁ ।

- ନିଶ୍ଚିତ ହୁଅନ୍ତୁ ଯେ, ଆଇ ମେକଅପ ଆରମ୍ଭ କରିବା ପୂର୍ବରୁ ଆପଣ କନସିଲର ଆପ୍ଲାଏ କରିଛନ୍ତି । ସ୍ମୋକି ଆଖି ଏବଂ ଡାର୍କ କଲର ପାଇଁ ଆଦୌ ଚେଷ୍ଟା କରନ୍ତୁନି । ସବୁବେଳେ ନ୍ୟୁଟ୍ରାଲ ରହିଲେ ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି ହେବ ।

- ଆଇବ୍ରୋ ଅଧିକ ମୋଟା କରିବା ପାଇଁ ଏକ ବ୍ରୋ ପେନସିଲ ବ୍ୟବହାର କରନ୍ତୁ ।

- କାଜଲ ଆପ୍ଲାଏ କରିବା ପାଇଁ ଆଦୌ ଭୁଲନ୍ତୁନି । ଲାଇନର ବ୍ୟବହାର କରିପାରିବେ । ତେବେ ହଁ ଖୁବ୍ ସତର୍କତା ସହିତ ଆପଣଙ୍କ ଲାଇନର କେତେ ମୋଟା ରଖିବେ ତାହା ଚିନ୍ତା କରିବାକୁ ପଡ଼ିବ ।

- ମେକଅପ ଅନୁଯାୟୀ ଆପଣଙ୍କ କେଶକୁ ଷ୍ଟାଇଲ କରନ୍ତୁ ।

# ମୃତ୍ୟୁକୁ ନେଇ କଟକଣା



ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ନିୟମ ପ୍ରଣୟନ କରାଯାଇଛି । କେତେକ ରାଷ୍ଟ୍ରର ନାଗରିକଙ୍କୁ ଅନେକ ସ୍ୱାଧୀନତା ମିଳିଥିବା ବେଳେ ଅନ୍ୟ କେତେକ ରାଷ୍ଟ୍ରରେ ଏବେ ମଧ୍ୟ ଏକଛତ୍ରବାଦ ଶାସନର ଦୃଶ୍ୟ



ପରିଲକ୍ଷିତ ହେଉଛି । ତେବେ ନରୱେର ଲାଙ୍ଗେୟେରବନ୍ ସହରର ଏକ ଅଜବ ନିୟମ ଅନ୍ୟଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । କାରଣ ନରୱେ ସରକାର ଏହି ସହରରେ ମୃତ୍ୟୁ ପାଇଁ କଟକଣା ଜାରି କରିଛନ୍ତି । ଏଠାରେ ମରିବା ନିମନ୍ତେ ନିୟମ ନାହିଁ । ସାଧାରଣ ଲୋକଟିଏ ପାଇଁ ଏହା ନିହାତି ଏକ ଆଶ୍ଚର୍ଯ୍ୟାନ୍ୱିତ ଘଟଣା । ହେଲେ ସେଠାକାର ନାଗରିକଙ୍କ ଉପରେ ଏହି ନିୟମ କୌଣସି ପ୍ରଭାବ ପକାଇନାହିଁ । ୨ହଜାର ଲୋକସଂଖ୍ୟା ବିଶିଷ୍ଟ ଏହି ସହରରେ ପର୍ଯ୍ୟଟକ ଓ ଗବେଷକଙ୍କ ସଂଖ୍ୟା ସର୍ବାଧିକ । ସ୍ଥାନୀୟ ଲୋକଙ୍କ କହିବାନୁସାରେ ଗତ ୭୦ବର୍ଷ ମଧ୍ୟରେ ଏଠାରେ କୌଣସି ଶବକୁ କବର ଦିଆଯାଇ ନାହିଁ । ବରଫାଚ୍ଛନ୍ନ ଅଂଚଳ ଯୋଗୁଁ ଶବଗୁଡ଼ିକ ମାଟିରେ ମିଶିନଥାନ୍ତି କିମ୍ବା ନଷ୍ଟ ହୋଇନଥାନ୍ତି । କିଛିବର୍ଷ ତଳେ ବୈଜ୍ଞାନିକମାନେ ଏକ ଶବକୁ ପରୀକ୍ଷା କରିବାରୁ ସେଥିରେ ଇନଫ୍ଲୁଏନଜା ଭାଇରସ ଥିବାର ତଥ୍ୟ ମିଳିଥିଲା । ଏହିପରି ଶବଗୁଡ଼ିକ କାରଣରୁ ବିଭିନ୍ନ ରୋଗ ବ୍ୟାପିବାରୁ ନରୱେ ସରକାର ଏଠାରେ ଡେଥ୍ ପଲିସି ନିୟମ ଲାଗୁ କରିଥିଲେ । ବୟୋଜ୍ୟେଷ୍ଠ ବ୍ୟକ୍ତି କିମ୍ବା ସାଂଘାତିକ ରୋଗଗ୍ରସ୍ତ ଲୋକଙ୍କୁ ତତକ୍ଷଣାତ୍ ଏହି ସହରରୁ ବିମାନ ଯୋଗେ ନରୱେର ଅନ୍ୟ ସହରକୁ ନିଆଯାଇଥାଏ ।



# ଆଓକିଗାହା ଜଙ୍ଗଲ



ଜାପାନରେ ଏମିତି ଏକ ସ୍ଥାନ ରହିଛି ଯେଉଁଠିକୁ ଲୋକମାନେ କେବଳ ମରିବାକୁ ଆସନ୍ତି । କଥାଟା ଏକଦମ୍ ସତ । କିନ୍ତୁ ସେଠାକାର ଲୋକମାନେ ଏହି ସ୍ଥାନକୁ ଭାରି ପସନ୍ଦ କରନ୍ତି । ଜାପାନରେ ରହିଥିବା ଫୁଜି ପାହାଡ଼ ନିକଟରେ ସଦାବେଳେ ଦେଖିବାକୁ ମିଳିଥାଏ ଘନଅନ୍ଧକାର । ଆଓକିଗାହା ନାମରେ ଏହି ଜଙ୍ଗଲ ଖୁବ୍ ପ୍ରସିଦ୍ଧ ଏବଂ ଭାରି ଭୟଙ୍କର ମଧ୍ୟ । ଜାପାନ ସରକାରଙ୍କ ପକ୍ଷରୁ ଏହି ଜଙ୍ଗଲକୁ ଯିବାକୁ ବାରଣ କରାଯାଇଥିଲେ ହେଁ କେହି ମାନନ୍ତି ନାହିଁ । ଏମିତିକି ଫଟୋଗ୍ରାଫର୍‌ଙ୍କୁ ମଧ୍ୟ ଏହି ସ୍ଥାନକୁ ଯିବା ମନା । ତଥାପି ପ୍ରତିବର୍ଷ ଏଠାକୁ ବହୁଲୋକ ଆସିଥାନ୍ତି ଏବଂ ୧୨ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥାନ୍ତି । ଏହି ଜଙ୍ଗଲରେ ନତାଲି ଡୋର୍ମର ନାମକ ଜଣେ ପ୍ରଶିକ୍ଷିତ ମହିଳା ହଜିଯାଇଥିବା ଏକ ଝିଅକୁ ଖୋଜିବାକୁ ଯାଇଥିଲେ । ସେ ତାଙ୍କର ଅନୁଭୂତିକୁ ସେୟାର କରିବା ସହିତ କହିଛନ୍ତି ଏହା ଏକ ସବୁଠୁ ଖରାପ ସ୍ଥାନ । ସେ ପ୍ରଥମେ ଯେତେବେଳେ ଝିଅଟିକୁ ଖୋଜିବାକୁ ଜଙ୍ଗଲରେ ପାଦ ଦେଲେ ତାଙ୍କ ଡ୍ରାଇଭର ଆଗକୁ ଯାଇପାରି ନ ଥିଲେ । ତାଙ୍କୁ କିଛି ଗଛର ଫଟୋ ନେବାର ଥିଲା । ତାଙ୍କୁ ଲାଗିଲା ଯେମିତି ମାଟି ଉପରକୁ ଉଠିଉଠି ଯାଉଛି । ନତାଲି କୁହନ୍ତି ୧୬ ବର୍ଷ ବର୍ଗମାଇଲ୍ ପରିବ୍ୟାପ୍ତ ଏହି ଜଙ୍ଗଲକୁ ଆଉ ଏକ ଦୁନିଆ ବୋଲି କୁହାଯାଇଥାଏ । ଏଠାରେ ୨୦୧୦ରେ ୪୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ । ଯାହା ଅନ୍ୟ ବର୍ଷ ତୁଳନାରେ ସବୁଠୁ ଅଧିକ । ପ୍ରଶାସନର ତାଗିଦା ଯୋଗୁଁ ଏହି ସଂଖ୍ୟା ତା' ପରଠୁ କମିଗଲାଣି । ଏହି ଜଙ୍ଗଲରେ ଆତ୍ମହତ୍ୟା ପ୍ରବୃତ୍ତି ଅଧିକ ରହିଥିବାରୁ ଏଠାକୁ ଆସୁଥିବା ଲୋମାନେ ଆତ୍ମହତ୍ୟା ପାଇଁ ଆଗଭର ହୋଇଥାନ୍ତି ।

# ମାଟିହାଣ୍ଡି କମ୍ପୋଷ୍ଟ



ମାଟିହାଣ୍ଡିରେ ପ୍ରସ୍ତୁତ କମ୍ପୋଷ୍ଟକୁ ପନିପରିବା ଏବଂ ଘରେ ଲଗାଉଥିବା ଗଛ ପାଇଁ ଅତ୍ୟନ୍ତ ଉପଯୋଗୀ ତରଳ ସାର ଭାବେ ବିବେଚିତ ହେଉଛି । ଂେଉଁମାନେ ଉଦ୍ଯମାନର ପନିପରବା, ଫୁଲ ଆଦି ଉତ୍ପାଦନ କରିବାକୁ ଚାହାନ୍ତି ସେମାନଙ୍କ ପାଇଁ ମଶଟିହାଣ୍ଡି କମ୍ପୋଷ୍ଟ ସୁବର୍ଣ୍ଣ ସାର ଭାବେ ବିବେଚିତ ହେଉଛି । ଏହି ତରଳ ସାର ପ୍ରସ୍ତୁତ କରିବା ଅତି ସହଜ । ପନିପରିବା, ଓ ଫୁଲ ଗଛ ପାଇଁ ଜୈବ ପରିପୋଷକ ଭାବେ ବ୍ୟବହାର କରାଯାଉଛି ।

ଆବଶ୍ୟକୀୟ ଜିନିଷ ମାଟିହାଣ୍ଡି (୧୫ଲିଟର), ଗୋବର (୫କେଜି), ଗୋମୁତ୍ର(୨.୫ଲିଟର), ପାଣି (୫ଲିଟର), ଆଖୁ ଖଦା(୨୫୦ଗ୍ରାମ), କୁକୁଡ଼ା ଦାନା (୩୦୦ଗ୍ରାମ) ପଲିଥିନ ଓ ରଶି ଦଉଡ଼ି ଏଥିପାଇଁ ଆବଶ୍ୟକ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଣି, ଗୋବର, ଗୋମୁତ୍ରକୁ ଭଲଭାବେ ଗୋଟିଏ ପାତ୍ରରେ ରଖି ଘାଂଟି ବହଳିଆ କରନ୍ତୁ । ତାପରେ ଅନ୍ୟ ଏକ ପାତ୍ରରେ ଆଖୁ ଖଡ଼ା ଓ କୁକୁଡ଼ା ଦାନା ମିଶାଇ ପଲିଥିନରେ ବାନ୍ଧି ଦିଅନ୍ତୁ ।

# ବାସନମଜା ସ୍ପଞ୍ଜ୍‌ରେ ଭରିରହିଛି ବ୍ୟାକ୍ଟେରିଆ

ଅଇଁଠାବାସନ ସଫା କରିବା ପାଇଁ ବ୍ୟବହାର ହେଉଥିବା ବାସନ ମଜା ସ୍ପଞ୍ଜଗୁଡ଼ିକ ବ୍ୟାକ୍ଟେରିଆରେ ପରିପୂର୍ଣ୍ଣ । ଜର୍ମାନୀର ବୈଜ୍ଞାନିକମାନେ ରୋଷେଇ ଘରେ ବ୍ୟବହାର ହେଉଥିବା ଏହି ବାସନମଜା ସ୍ପଞ୍ଜରୁ ମିଳୁଥିବା ସୂକ୍ଷ୍ମଜୀବଙ୍କ ଡିଏନଏର ଅଧ୍ୟୟନ କରି ଜାଣିବାକୁ ପାଇଛନ୍ତି, ଏଥିରେ ମୋରାକ୍ସେଲା ଅସ୍ଲୋଏନ୍ସିସ ଭଳି ବ୍ୟାକ୍ଟେରିଆ ଭର୍ତ୍ତି ହୋଇ ରହିଥାନ୍ତି, ଯାହା ରୋଗ ପ୍ରତିରୋଧକ କ୍ଷମତା କମ୍ ଥିବା ଲୋକଙ୍କ ଠାରେ ସହଜରେ ସଂକ୍ରମଣ କରାଇଥାଏ । ଅପରିଷ୍କାର କପଡ଼ାରୁ ଆସୁଥିବା ଦୁର୍ଗନ୍ଧ ପଛରେ ମଧ୍ୟ ଏହି ଜୀବାଣୁ ରହିଥିବା ଜାଣିବାକୁ ପାଇଛନ୍ତି ବୈଜ୍ଞାନିକ । ମାଇକ୍ରୋବାୟୋଲୋଜି ପ୍ରଫେସର ମାସିମିଲାନୋ କାର୍ଡ଼ିନାଲ କହିଛନ୍ତି ରୋଷେଇ ଘରେ ବ୍ୟବହାର ହେଉଥିବା ସ୍ପଞ୍ଜ୍‌ରେ ଅନେକ ପ୍ରକାରର ବ୍ୟାକ୍ଟେରିଆ ରହିଥାନ୍ତି । ବାରମ୍ବାର ବ୍ୟବହାର ହେଉଥିବା ଏହି ସ୍ପଞ୍ଜ୍‌ର ବ୍ୟାକ୍ଟେରିଆ ସହଜରେ ବୃଦ୍ଧି ପାଆନ୍ତି । ସ୍ପଞ୍ଜକୁ ବାରମ୍ବାର ସାବୁନରେ ସଫା କଲେ ମଧ୍ୟ ସେଥିର ଜୀବାଣୁ ମରିନଥାନ୍ତି । ବରଂ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ସ୍ପଞ୍ଜ୍‌କୁ ସାବୁନରେ ସଫା କଲେବରଂ ଏକ ସ୍ୱତନ୍ତ୍ର ଧରଣର ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି । ଗବେଷକମାନେ ମାଇକ୍ରୋସ୍କୋପ ତଳେ ସ୍ପଞ୍ଜ୍‌କୁ ଦେଖି ଜାଣିବାକୁ ପାଇଥିଲେ ଏକ କ୍ୟୁବିକ ସେଣ୍ଟିମିଟର ସ୍ପଞ୍ଜରେ ସେତିକି ବ୍ୟାକ୍ଟେରିଆ ଥାନ୍ତି, ଯେତିକି ମଳରେ ରହିଥାଏ । କିନ୍ତୁ ବିପଦଜନକ କଥା ହେଉଛି ଏହି ସ୍ପଞ୍ଜ୍‌କୁ ମାଇକ୍ରୋୱେଭରେ ରଖନ୍ତୁ ବା ଗରମ ପାଣିରେ ଫୁଟାନ୍ତୁ ଏଥିରୁ ଜୀବାଣୁ ମରନ୍ତି ନାହିଁ ।



ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୨ ଅଗଷ୍ଟ ୨୦୨୩, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜନୀତିର ଖେଳ...

ଇମ୍ରାନ୍ ଖାନ୍ ନିଆଜି ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ଏବଂ ଏହା ତାଙ୍କ ଅବସ୍ଥାକୁ ଅତି ମୃଦୁ ଭାବରେ ବଦଳାଇବା ପଥରେ ନେଇଗଲା । ପରିଣତିରେ ବର୍ତ୍ତମାନ ସେ କେବଳ ଆଟକ ଜେଲ୍‌ରେ ମଶା ମାଛି, କୀଟ ପତଙ୍ଗଙ୍କ ମେଳରେ ତାଙ୍କର ତିନିବର୍ଷିଆ ସଜା କାଟିବା ଆରମ୍ଭ କରି ନାହାନ୍ତି, ବରଂ ପାକିସ୍ତାନର ନିର୍ବାଚନ କମିଶନ ଆଗାମୀ ପାଞ୍ଚ ବର୍ଷ ପାଇଁ ତାଙ୍କୁ କୌଣସି ନିର୍ବାଚନରେ ଲଢ଼ିବା ନିମନ୍ତେ ଅଯୋଗ୍ୟ ଘୋଷିତ କରି ଦେଇଛନ୍ତି । ଇମ୍ରାନ୍ ଖାନ୍- ପାକିସ୍ତାନର ପୂର୍ବତନ କ୍ରିକେଟର- ଅତୀତରେ ଖେଳିବା ସମୟରେ ଅନେକ ଥର ଆଘାତ ପାଇଛନ୍ତି, ସେଥିରୁ ସୁସ୍ଥ ହୋଇ ପୁଣି ଖେଳିଛନ୍ତି; କ୍ରିକେଟ୍ ପଡ଼ିଆରେ ନେତୃତ୍ୱ ନେଇ ନିଜକୁ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଖେଳାଳି ଭାବରେ ନିଜର କ୍ୟାରିଅରକୁ ସ୍ମରଣୀୟ କରି ପାରିଛନ୍ତି। ପରନ୍ତୁ, ବର୍ତ୍ତମାନ ରାଜନୀତିର ଖଳ ଖେଳରେ ତାଙ୍କ ରାଜନୀତିକ କ୍ୟାରିଅର ଆପାତତଃ ଶେଷ ହୋଇ ଯାଇଛି ବୋଲି କୁହାଯାଇପାରେ । ତୋଷଖାନା ମାମଲାରେ ପାକିସ୍ତାନର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ତାଙ୍କ ବିରୁଦ୍ଧରେ ଯାଇଛି, କେବଳ ଏକମାତ୍ର ଯାହାର କ୍ଷମତା ରହିଛି ତାଙ୍କୁ ପୁଣିଥରେ ରାଜନୀତିର ମଇଦାନକୁ ଓହ୍ଲାଇ ଆଣିବା ପାଇଁ । ପୂର୍ବରୁ ଏଇ କୋର୍ଟ ହିଁ ତାଙ୍କୁ ଏପ୍ରିଲ ୨୦୨୨ରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇ ସେ ପ୍ରଧାନମନ୍ତ୍ରୀ ପଦ ହରାଇବା ପର୍ଯ୍ୟନ୍ତ ପଦବୀକୁ ଆଣିବାରେ ସହାୟକ ହୋଇଥିଲା । କିନ୍ତୁ ଏବେ ସେ ସମ୍ଭାବନା କ୍ଷୀଣ। ପୁଣି ସେ ଗିରଫ ହୋଇ ଜେଲ୍ ଯିବା ପରେ ମଧ ଦେଶରେ ତାଙ୍କ ସମର୍ଥକମାନଙ୍କ ଦ୍ୱାରା କୌଣସି ପ୍ରକାରର ପ୍ରତିକ୍ରିୟା କି ପ୍ରତିବାଦ ଦେଖିବାକୁ ମିଳିନାହିଁ, ଯେମିତି ହୋଇଥଲା ପାକିସ୍ତାନର ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ, ଯେତେବେଳେ ଗତ ମେ' ମାସରେ ସ୍ୱଳ୍ପ କାଳ ପାଇଁ ତାଙ୍କୁ ଜେଲ୍ ହୋଇଥିବା ବେଳେ। ତାଙ୍କ ବିରୁଦ୍ଧରେ ଆହୁରି ଅନ୍ୟାନ୍ୟ ମାମଲାମାନ ରହିଛି ଯାହାକି ତାଙ୍କର ଆଇନଗତ ଆହ୍ୱାନକୁ ବଢ଼ାଇ ଦେଇପାରେ । ଉଭୟ ଖେଳ ଏବଂ ରାଜନୀତିରେ ଶ୍ରୀଯୁକ୍ତ ଖାନ୍‌ଙ୍କର ପ୍ରତ୍ୟାବର୍ତ୍ତନ କରିବାର ପୂର୍ବ ରେକର୍ଡ ରହିଛି । କିନ୍ତୁ ତାଙ୍କ ଉପରେ ସମ୍ପ୍ରତି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ନେଇ ଦୀର୍ଘକାଳୀନ ଦଣ୍ଡ ବିଧାନ ତାଙ୍କ ତେହରିକ୍-ଇ-ଇନ୍‌ସାଫ୍ ଦଳ, ଯାହା ପ୍ରାୟତଃ କେବଳ ତାଙ୍କ ଯାଦୁକରୀ ଶକ୍ତି ଏବଂ ବ୍ୟକ୍ତିତ୍ୱକୁ ଆଧାର କରି ଗଢ଼ି ଉଠିଥିଲା, ତା' ପାଇଁ ବିଷାଦର, ଏପରିକି ବିଳୟ ଘଟିବାର ଦିନ ମଧ ବହନ କରି ଆଣିପାରେ। ନିକଟ ଅତୀତର ମାସଗୁଡ଼ିକରେ ପାକିସ୍ତାନର ସାମରିକ ଶକ୍ତି ବିରୁଦ୍ଧରେ ଖୋଲାଖୋଲି ସ୍ୱର ଉତ୍ତୋଳନ କରିଥିଲେ ଶ୍ରୀଯୁକ୍ତ ଖାନ୍। ସମ୍ପ୍ରତି କୋର୍ଟଙ୍କ ରାୟ ପରବର୍ତ୍ତୀ ନିର୍ବାଚନୀ ଦୌଡ଼ରେ ଭାଗ ନେବାରୁ ବଞ୍ଚିତ କରିବାକୁ ଯାଇ ପାକିସ୍ତାନ ରାଜନୀତିରୁ ତାଙ୍କୁ ବିଦା କରିବାର ବନ୍ଦୋବସ୍ତ କରିଥିବା ମନେହୁଏ ।ଶ୍ରୀଯୁକ୍ତ ଖାନ୍ ସମ୍ପ୍ରତି ଯେଉଁ ସାମରିକ ଶକ୍ତିକୁ ଆହ୍ୱାନ ଦେଉଛନ୍ତି ଏବଂ ନିଜର ଦଳକୁ ଭୁଶୁଡ଼ି ପଡୁଥିବା ଦେଖୁଛନ୍ତି, ଏକଦା ସେଇ ସାମରିକ ଶକ୍ତି ସହିତ ନିବିଡ଼ ସମ୍ପର୍କରେ ଥିଲେ। ଗତ ମେ' ମାସରେ ଦେଶର ସାମରିକ ପ୍ରତିଷ୍ଠାନମାନଙ୍କ ଉପରେ ହିଂସ୍ର ଆକ୍ରମଣ କରିଥିବା ଇମ୍ରାନ୍‌ଙ୍କ ଦଳକୁ ବର୍ତ୍ତମାନ ସାମରିକ ବାହିନୀର ଚାପରେ ବହୁ ନାମକରା ନେତା ଛାଡ଼ି ଚାଲି ଯାଉଥିବା ଅଭିଯୋଗ ହୁଏ । ଏହି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଆକ୍ରମଣ କରିଥିବା ଆକ୍ରମଣକାରୀଙ୍କଠାରୁ ନିଜକୁ ଦୂରେଇ ନେବାକୁ ବାଧ କରାଯାଇଥିଲା । ସଙ୍ଗେ ସଙ୍ଗେ ଏଥିପାଇଁ ତାଙ୍କ ଉପରେ ସେନା ତରଫରୁ ବେଶ୍ କିଛି ସଂଖ୍ୟକ ଆକ୍ରମଣ କରାଯାଇଥିଲା ଯାହାର ମୁକାବିଲା କରିବାକୁ ଯାଇ ତାଙ୍କୁ ନିଜର ସ୍ୱଭାବ ବିପରୀତରେ ପ୍ରତିରକ୍ଷାତ୍ମକ କୌଶଳମାନ ଆପଣାଇବାକୁ ହୋଇଥିଲା । ସୀମାର ଏପଟେ ଭାରତରେ ମଧ ଇମ୍ରାନ୍‌ଙ୍କ ଭଳି ରାହୁଲ ଗାନ୍ଧୀଙ୍କର ହୁଏତ ସମାନ ଦଶା ହୋଇଥାନ୍ତା, ଯଦି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ଉଚିତ ବିଚାର କରି ନଥାନ୍ତେ। ପରନ୍ତୁ, ପାକିସ୍ତାନରେ ସେପରି ହେବାର ସମ୍ଭାବନା କ୍ୱଚିତ୍ ରହିଛି । ପାକିସ୍ତାନରେ, ଅନ୍ତତଃପକ୍ଷେ ବର୍ତ୍ତମାନ ପାଇଁ, ନିଜର ବିରୋଧୀମାନଙ୍କୁ ଦମନ କରିବାରେ ସରକାରୀ କଳର ସଫଳତା ଅନ୍ୟମାନଙ୍କ ପାଇଁ ଏକ ଚେତାବନୀ ଭାବରେ କାମ କରିବାର ସମ୍ଭାବନା ରହିଛି, ଯେଉଁମାନେ କି ପାକିସ୍ତାନ ପାଇଁ ପ୍ରକୃତ ପକ୍ଷେ ଭବିଷ୍ୟତରେ ଏକ ସ୍ୱାଭାବିକ ଗଣତାନ୍ତ୍ରିକ ପଦ୍ଧତିରେ ଶାସିତ ହେବାର ସ୍ୱପ୍ନ ଦେଖନ୍ତି । ଶ୍ରୀଯୁକ୍ତ ଖାନ୍‌ଙ୍କ ବିରୁଦ୍ଧରେ ଆଗତ ଅଭିଯୋଗଗୁଡ଼ିକର ସତ୍ୟତା ନିର୍ବିଶେଷରେ, ତାଙ୍କୁ ନିର୍ବାଚନରେ ଭାଗ ନେବାରୁ ବଞ୍ଚିତ କରିବା ପାକିସ୍ତାନର ଭବିଷ୍ୟତ ପାଇଁ କଦାଚିତ୍ ମଙ୍ଗଳକାରକ ହେବ । ପଡ଼ୋଶୀ ପାକିସ୍ତାନର ଏପରି ଘଟଣାକ୍ରମ ଭାରତ ଉପରେ ସିଧାସଳଖ କୌଣସି ପ୍ରକାରର ପ୍ରଭାବ ପକାଇବାର ସମ୍ଭାବନା ନଥିଲେ ସୁଦ୍ଧା ପାକିସ୍ତାନର ସାମରିକ ବାହିନୀ, ଯାହା ଇମ୍ରାନଙ୍କର ଲକ୍ଷ ଲକ୍ଷ ସମର୍ଥକଙ୍କ ଆସ୍‌ରେ ନିଜର ଏକ ଉଜ୍ଜ୍ୱଳ ଭାବମୂର୍ତ୍ତିକୁ ପୁନଃପ୍ରତିଷ୍ଠା କରିବାର ଉଦ୍ୟମ କରୁଛି, ତାହା ହୁଏତ ପାକ୍‌ବାସୀଙ୍କ ମନରେ ପୁଣିଥରେ ଜାତୀୟତାବାଦର ମନ୍ତ୍ରକୁ ଉଜାଗର କରିବା ପାଇଁ ଭାରତ ସହିତ ତିକ୍ତ ସମ୍ପର୍କ ସୃଷ୍ଟି କରିପାରେ । ତେଣୁ ଭାରତ ପାଇଁ ପାକ୍ ରାଜନୀତିକ ମଇଦାନରେ ବୋଲିଂ କରାଯାଉଥିବା ବଲ୍ ଉପରେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି ।



# ପଥଚ୍ୟୁତ ଯୁବପିଢ଼ି ଓ ଆଧୁନିକ ସମାଜ

## ବିପିନ ବିହାରୀ ରାଉତ

ଅତ୍ୟାଧୁନିକ ପରିବାର ସମୂହ ନିଜ ନିଜର ପିଲାମାନଙ୍କୁ ନେଇ ସଂପ୍ରତି ଅଧିକ ବ୍ୟସ୍ତ ବିବ୍ରତ । ଏବେ ଦେଖାଯାଉଛି ସନ୍ତାନ ସନ୍ତତି ଏବଂ ପିତାମାତାଙ୍କ ଭିତରେ ଉପଯୁକ୍ତ ବୁଝାମଣା ନାହିଁ । ଅର୍ଥ ହିଁ ଅନର୍ଥର ମୂଳ କାରଣ ହୋଇପଡ଼ିଛି । ଅପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ କରିବାର ମରୀଚିକା ପଛରେ ଅଣନିଶ୍ୱାସୀ ହୋଇ ଧାଇଁ ଚାଲିଛି ଆଜିର କିଛି ମଣିଷ । କଳାଧଳା ଅତି ସହଜରେ ହାତେଇବାରେ ଧୁରନ୍ଧର ଆଜିର ମଣିଷର ଏକ ପ୍ରକାର ନିଶା ହୋଇଯାଇଛି । ଏଣୁ ଏସବୁ ଅସତ୍ ଉପାୟ ସାମାଜିକ ବିଶୃଙ୍ଖଳା ପାଇଁ ଏକମାତ୍ର ଦାୟୀ । ବାସ୍ତୁବାଦ, ଫମ୍ପା ଆଭିଜାତ୍ୟ, ଅନ୍ଧ ବାତ୍ସଲ୍ୟମୋହ ପୁରାତନ ନିଷ୍କଳଙ୍କ ସାମାଜିକ ଢ଼ାଞ୍ଚାକୁ ଦୋହଲାଇ ଦେଉଛି । ପିତାମାତାଙ୍କର କୃତ୍ରିମ ମାନସିକତା ସରଳ ପିଲା ମନରେ ବିଷ ମଞ୍ଜି ବୁଣି ଦେଉଛି । ସ୍ୱେଚ୍ଛାଚାର ପିଲାମାନଙ୍କୁ ଭଲ ବାଟରେ ନେଇ ନାହିଁ ବରଂ ସେମାନଙ୍କର ସମାଜ ଆସ୍ତେ ଆସ୍ତେ ରୂପ ଦେଉଛି ଉଗ୍ର ଆତଙ୍କବାଦର ପ୍ରଶିକ୍ଷଣ କେନ୍ଦ୍ର । ସେ ଜାଣିଛନ୍ତି ମୃତ୍ୟୁରୂପୀ ଆଗ୍ନେୟ ଶିଳାର ଶୀର୍ଷ ଦେଶରେ ସେମାନେ ଅଛନ୍ତି, ବିସ୍ଫୋରଣ ସୁନିଶ୍ଚିତ, ତଥାପି ସେମାନେ ରଚି ଚାଲିଛନ୍ତି ଗୋଟିକ ପରେ ଗୋଟିଏ ନାରକୀୟ ଲୀଳା । ସତରେ ଏ ସମାଜ କଣ ପଙ୍ଗୁ ହୋଇଯିବ ? ଅଥର୍ବ ହୋଇଯିବ ? ଏଥିରୁ ଉଦ୍ଧାର ପାଇଁ ଦାୟିତ୍ୱ କେଉଁ ଭଗୀରଥଙ୍କର ? ଆପଣମାନଙ୍କର ନା ସେମାନଙ୍କର ? ତେବେ କେହି କେହି ପୁତ୍ରକୁ ବନ୍ଧୁତୁଲ୍ୟ ଆଦରି ନେଇଥାନ୍ତି ପିଲା ବେଳରୁ । ଆକଟ କରନ୍ତି ନାହିଁ, ଯାହା କରିବ ସାତଖୁଣ ମାଫ । ଏପରିକି ଧୂମପାନ, ମଦ, ଡ୍ରଗସ୍ ସେବନ କରିବାରେ ଏମାନେ ଅତି ପ୍ରବୀଣ ହୋଇଯାନ୍ତି । ଆସ୍ତେ ଆସ୍ତେ ଏମାନଙ୍କ ରୂପ ବଦଳେ । ସମାଜରେ ଯାବତୀୟ ଅମାନୁଷିକ ତଥା ଅନୈତିକ କାର୍ଯ୍ୟ କରିବାରେ ସେମାନେ ଆଗଭର ହୁଅନ୍ତି । ସେମାନେ ଆଦୌ ଭାବନ୍ତି ନାହିଁ ଯେ, ସେମାନେ ଯାହା କରିଛନ୍ତି ତାହା କେତେଦୂର ସମାଜର ଉନ୍ନତି ବିଧାନରେ ଲାଗିପାରୁଛି । ଅସୁରୀୟ ପ୍ରକୃତି, ନୀଚ କଳୁଷିତ ଭାବନା, ତଥା ମଣିଷ ପ୍ରତି ଅନାଦର ଏମାନଙ୍କୁ ପୁରାମାତ୍ରାରେ ଗ୍ରାସି ଯାଇଛି । ଯେଉଁ ବାପ ମା' ଏମାନଙ୍କର ଦିନେ ପ୍ରିୟ ଥିଲେ, ବନ୍ଧୁଥିଲେ ସେ ଯେମିତି ଶତ୍ରୁ ପାଲଟି ଯାଇଛନ୍ତି । ଯୌବନର ସଦ୍ ବିନିଯୋଗ ନକରି ସେମାନେ ହୋଇଯାନ୍ତି ଅପାଂକ୍ତେୟ, ଅଲୋଡ଼ା, ବସ୍ତୁହରାଜୀବ । ସେମାନେ ସୃଷ୍ଟି କରନ୍ତି ବିଷର ବଳୟ । ଯୌନ ବିକାର ହୋଇ ସେମାନେ ଆପଣେଇ ନିଅନ୍ତି ଅମଡ଼ା ବାଟ । ପ୍ରେମ- ପାଗଳ ହୋଇ ସେମାନେ ମାୟା ମରୀଚିକା ପଥରେ ଧାବମାନ କରନ୍ତି । ଶେଷରେ ଅପମୃତ୍ୟୁର ଶିକାର ହୋଇ ବାପାମା'ଙ୍କୁ ହନ୍ତସନ୍ତ କରିମାରନ୍ତି । କଙ୍କଡାକୁ ଗୋଳିପାଣି ସୁହାଇଲା ଭଳି ରାଜନୀତିଆଙ୍କ ପାଲରେ ପଡ଼ିଗଲା ପରେ ସେମାନଙ୍କର ବଳ ବିକ୍ରମ ଦ୍ୱିଗୁଣ ହୋଇଯାଏ, ସେମାନେ ଇନ୍ଦ୍ରଚନ୍ଦ୍ର ମାନନ୍ତି ନାହିଁ, ବରଂ ସେମାନେ ଅନ୍ୟ ମାନଙ୍କୁ ହେୟଜ୍ଞାନ କରନ୍ତି । ଧରାକୁ ସରା ମଣନ୍ତି । ଏଣୁ ଏ କ୍ଷେତ୍ରରେ 'ଉପଦେଶାହି ମୁର୍ଖାଣାଂ ପ୍ରକୋପାୟ ନଶାନ୍ତୟେ' - କେତେବା ଏମାନଙ୍କୁ ଉପଦେଶ ଦେବ, ଆଦର୍ଶ ପଥରେ ଯିବା ପାଇଁ ମାର୍ଗ ପ୍ରଦର୍ଶନ କରିବ ।

ଏବେ ଯୁଗ ବଦଳିଛି । ଯୁଗ ସହ ତାଳ ଦେଇ ନୂତନ ନୂତନ ଚିନ୍ତାଧାରାର ନୂଆ ଦିଗ ଖୋଲିଯାଉଛି । କେତେ ପ୍ରକାର ଜଟିଳ ସମସ୍ୟା ବି ମୁଣ୍ଡ ଟେକି ଉଠୁଛି, ତାର ସମାଧାନର ବାଟ ଖୋଜିବା କ'ଣ ଆମ ସମସ୍ତଙ୍କର କର୍ତ୍ତବ୍ୟ ନୁହେଁ ? ନିଜର ନ୍ୟସ୍ତ ସ୍ୱାର୍ଥ ପାଇଁ ପଡ଼ୋଶୀଟିର ନୁହେଁ ଏପରିକି ଭାଇ-ଭାଇ, ବନ୍ଧୁ-ବନ୍ଧୁ ଭିତରେ ଯେଉଁପରି ଈର୍ଷା ଯେଉଁ ସ୍ତରର ରୂପ ନେଉଛି ତାହା ସମସ୍ତଙ୍କୁ ଜଣା। ଶହ ଶହ ମଣିଷଙ୍କୁ ଦାନାକନା ଯୋଗାଉଥିବା ଜଣେ ସ୍ୱଚ୍ଛଳ ଯୁବ ବ୍ୟକ୍ତିତ୍ୱଟିକୁ ଦିନେ ବନ୍ଧୁ ଥିବା ସହପାଠୀ ହୁଅନ୍ତୁ ବା ପଡ଼ୋଶୀଟି ସହ୍ୟ ନକରି ନାନା ଅପପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଅଧ୍ୟବସାୟ, ସାଧୁତା ଓ ଆଧ୍ୟାତ୍ମିକ ଶକ୍ତି ପାଇଁ ତାହା ଫଳବତୀ ହୋଇପାରିନଥାଏ କିନ୍ତୁ ଜଣେ ମାନସିକ ଭାବେ ଯେଉଁ ଯନ୍ତ୍ରଣା ପାଏ ତାହା ଏକ ଚିନ୍ତାଜନକ ପ୍ରସଙ୍ଗ । ନିକଟରେ ଜଣେ ବନ୍ଧୁଙ୍କଠାରୁ ଶୁଣିଥିଲି ସେ ନିଜ ବୃତ୍ତିଗତ କ୍ଷେତ୍ରରେ ପ୍ରଗତିର ସଫଳତାକୁ ଛୁଇଁଥିବାରୁ ତା'ର ନିରୀହ ମେଧାବୀ ପୁଅର ନାନା ପ୍ରକାର କ୍ଷତି ଓ ପ୍ରତିବନ୍ଧକ ପାଇଁ ଅଭିମନ୍ୟୁ ବଧ ପରି ଷଡ଼ଯନ୍ତ୍ର ହୋଇଥିଲା। ଏହା କେଉଁ ପ୍ରକାର ମାନସିକତା? ଉତ୍ତମ ଆଚରଣ ପାଇଁ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି । ଖାଲି କଥାରେ କହି ଦେଲେ ଆଉ ଚଳିବନି, କଥାକୁ କାମରେ ଲଗାଇବାକୁ ହେବ । ପିଲାଟିକୁ ଚୋରି କରିବା ମହାପାପ, ସବୁବେଳେ ସତ କହିବୁ । ପର ଦ୍ରବ୍ୟ ଉପରେ ନଜର ପକାଇବୁ ନାହିଁ, ବାଁକୁ ମାଡ଼ିଚାଲିବୁ । ଗୁରୁଜନମାନଙ୍କୁ ଭକ୍ତି କରିବୁ । ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ଥଟ୍ଟା ପରିହାସ କରିବୁ ନାହିଁ । ଭିକାରୀମାନଙ୍କୁ କୁବ୍ୟବହାର କରିବୁ ନାହିଁ ଇତ୍ୟାଦି ଇତ୍ୟାଦି । ଏକଥାକୁ ଯିଏ ହେଜିଲା, ସେ ଭଲ ପିଲା, ଯିଏ ନହେଜିଲା ସେ ବା କାହୁଁ ଭଲ ମଣିଷର ଗଣା ହବ ? ଯଦି ତାର ମନକୁ ପାଇଚିତ ଶିକ୍ଷକଙ୍କ କଥାକୁ ବାରମ୍ବାର ମନେ ରଖିବ ଅବା ଗୁରୁଜନଙ୍କ ଉପଦେଶକୁ ସେ ଜପାମାଳି କରିବ । ଯଦି ଭଲ ପିଲା ନହେବେ ଏ ସମାଜ କେଉଁମାନଙ୍କୁ ନେଇ ଅଗ୍ରସର ହେବ । ଏଥିପାଇଁ ଉତ୍ତମ କର୍ତ୍ତବ୍ୟ ନିଷ୍ଠା ମଙ୍ଗୁଆଳଟିଏ ଲୋଡ଼ା । ପିତାମାତା, ଗୁରୁଜନ ଶିକ୍ଷକ ସମସ୍ତେ ଏହାକୁ ଏକ ଜାତୀୟ କର୍ତ୍ତବ୍ୟ ଓ ସାମାଜିକ ଦାୟିତ୍ୱ ଭାବେ ବହନ କରିବା ଉଚିତ୍ । ଏକ ଶାନ୍ତ ସୁନ୍ଦର ସମାଜ ଆମ ପାଇଁ ଲୋଡ଼ା । ଭବିଷ୍ୟତରେ ବଂଶଧର ଯଦି ଉଗ୍ର ଆତଙ୍କବାଦର ମୁଖା ପିନ୍ଧି ସମାଜକୁ ଧ୍ୱଂସ ଆଡ଼କୁ ଟାଣିନେବ ତେବେ ସାମାଜିକ ସ୍ଥିତି ଦୋହଲିଯିବ - ଉତ୍ଶୃଙ୍ଖଳ ସମାଜରେ ଅନବରତ ଚାଲିବ ନାରକୀୟ ଲୀଳା । ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଥିବା ଭାରତୀୟମାନେ ନିଜ ଉପରେ ଥିବା ଆସ୍ଥା ଆସ୍ତେ ଆସ୍ତେ ହରାଇ ବସିବେ । ଆମେ ପୁନରାୟ କଣ ଆଶା କରିବା ପରାଧୀନତାର ନିଗଡ଼ ଭିତରେ ଆତ୍ମଗୋପନ କରିବାକୁ ? ଆମର ଆଶା, ଆକାଂକ୍ଷା, ସ୍ୱପ୍ନ ଆମର ଆଗାମୀ ପିଢିଙ୍କ ଉପରେ । ସେମାନଙ୍କୁ ଶୃଙ୍ଖଳିତ ଓ ସୁସ୍ଥ ବାତାବରଣ ଭିତରେ ବଢ଼ାଇବା ଉତ୍ତର ଦାୟିତ୍ୱ ଆମେ ସମସ୍ତଙ୍କର।

+ଶ୍ରୀବିହାର କଲୋନୀ,
କଟକ,
ମୋ: ୯୪୩୭୬୬୬୪୫୩

### ବିଶ୍ୱ ଯୁବ ଦିବସ (ଅଗଷ୍ଟ ୧୨)

*ଜାତିସଂଘ ପକ୍ଷରୁ ଅଗଷ୍ଟ ୧୨କୁ ବିଶ୍ୱ ଯୁବ ଦିବସ ଭାବେ ପାଳନ କରାଯାଇଥାଏ। ଯୁବପିଢ଼ି ସମ୍ମୁଖୀନ ହେଉଥିବା ବିଭିନ୍ନ ସାଂସ୍କୃତିକ ଓ ଆଇନଗତ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରିବା ଏହି ଦିବସ ପାଳନର ଲକ୍ଷ୍ୟ। ୨୦୦୦ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୧୨ରେ ଜାତୀୟ ଯୁବ ଦିବସ ପାଳନ ହେଉଛି। ଭାରତରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଜାନୁଆରୀ ୧୨ ତାରିଖକୁ ଯୁବ ଦିବସ ଭାବେ ପାଳନ କରାଯାଏ।*

# ଐତିହ୍ୟ ପ୍ରାଣୀ ହାତୀ କଥା

## ବୈଷ୍ଣବ ମେହେର

ଐତିହ୍ୟ ପ୍ରାଣୀ ହାତୀଙ୍କ ଦୁର୍ଦ୍ଦଶା ସଂପର୍କରେ ସଚେତନତା ସୃଷ୍ଟି ତଥା ସେମାନଙ୍କ ସମସ୍ୟା ପ୍ରତି ସାଧାରଣରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗତ ୨୦୧୨ ମସିହାଠାରୁ ଅଗଷ୍ଟ ୧୨କୁ 'ବିଶ୍ୱ ହାତୀ ଦିବସ' ଭାବରେ ପାଳନ କରାଯାଇ ଆସୁଛି । ଏହି ଗୌରବାବହ ପ୍ରାଣୀର ସୁରକ୍ଷାର ଚିନ୍ତା ସରକାରଙ୍କଠାରୁ ଆରମ୍ଭ କରି ପରିବେଶବିତ୍ତ, ପ୍ରାଣୀବିତ୍ତ ସମସ୍ତଙ୍କୁ ଘାରି ଥିଲେ ହେଁ ହାତୀ ସଂଖ୍ୟାରେ ଆଶାଜନକ ଅଭିବୃଦ୍ଧି ଘଟୁନାହିଁ । ୨୦୧୦ ମସିହାଠାରୁ ଭାରତରେ ହାତୀକୁ 'ଜାତୀୟ ଐତିହ୍ୟ ପ୍ରାଣୀ' ଭାବରେ ମଧ୍ୟ ଘୋଷଣା କରାଯାଇ ହାତୀ ସୁରକ୍ଷାକୁ ଅଧିକ ସୁନିଶ୍ଚିତ କରିବାର ପ୍ରୟାସ କରାଯାଇଥିଲା । ତଥ୍ୟ ଅନୁଯାୟୀ ଶହେ ବର୍ଷ ପୂର୍ବେ ବିଶ୍ୱରେ ପ୍ରାୟ ବାର ନିୟୁତ ହାତୀ ରହିଥିଲେ । ବର୍ତ୍ତମାନ ବିଶ୍ୱରେ ମୋଟ ଚାରି ଲକ୍ଷ ଚାଳିଶ ହଜାର ହାତୀ ରହିଥିବା ବେଳେ ସେମଧ୍ୟରୁ ମାତ୍ର ଚାଳିଶ ହଜାର ଏସିଆନ୍ ହାତୀ ଓ ବଳକା ଚାରି ଲକ୍ଷ ଆଫ୍ରିକାନ ହାତୀ ରହିଛନ୍ତି । ୨୦୧୭ ହାତୀ ଗଣନା ରିପୋର୍ଟ ଅନୁଯାୟୀ ଭାରତରେ ୨୫ରୁ ୩୦ ହଜାର ହାତୀ ଅଛନ୍ତି । ଏହି ରିପୋର୍ଟରେ ଓଡ଼ିଶାରେ ମାତ୍ର ୧୯୭୬ଟି ହାତୀ ରହିଥିବା କୁହାଯାଇଛି । ୨୦୧୭ର ଆକଳନ ଅନୁସାରେ ଓଡ଼ିଶାର ଶିମିଳିପାଳରେ ୩୩୦, ଢେଙ୍କାନାଳରେ ୧୬୯, ସାତକୋଶିଆରେ ୧୪୭, ଆଠଗଡ଼ରେ ୧୧୫, କୁଲଡ଼ିହାରେ ୯୭ଟି ହାତୀ ରହିଛନ୍ତି କ୍ଷପ୍ରତିବର୍ଷ ହାତୀ ମଣିଷ ଲଢ଼େଇ ଘଟି ଭାରତରେ ପାଂଚ ଶହରୁ ଅଧିକ ମଣିଷ ଓ ଶହେ ହାତୀଙ୍କ ଜୀବନ ଅକାଳରେ ଯାଉଛି। ଯଦି ଆମେ ଓଡ଼ିଶାର କଥା ବିଚାର କରିବା ତେବେ ଗତ ଦଶ ବର୍ଷ ମଧ୍ୟରେ ଓଡ଼ିଶାରେ ୭୪୦ଟି ହାତୀର ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣ ଯୋଗୁଁ ୭୪୪ ଜଣ ମଣିଷଙ୍କ ଜୀବନ ଯାଇଛି । ଏହା ମଧ୍ୟରେ ୪୦୦ରୁ ଅଧିକ ମଣିଷ ଗୁରୁତ୍ୱର ଆହତ ହୋଇଛନ୍ତି । ହାତୀ ପ୍ରାୟ ୮ ହଜାର ଘରକୁ ଭାଙ୍ଗି ଦେଇଥିବା ବେଳେ ୯୮ ହଜାର ଏକର ଚାଷ ଜମିରୁ ଫସଲ ନଷ୍ଟ କରିଦେଇଥିବା ଜଣାପଡ଼ିଛି । ଏହି ସମୟରେ ପାଖାପାଖି ଦୁଇ ଲକ୍ଷ ଲୋକ ହାତୀ ଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡ଼େ । ଓଡ଼ିଶାରେ ଅନେକ ଉଦ୍ୟମ ପରେ ଆଶାଜନକ ନହେଲେ ମଧ୍ୟ ହାତୀ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ଘଟିଛି । ତଥ୍ୟ ଅନୁଯାୟୀ ୨୦୧୨ରେ ଓଡ଼ିଶାରେ ହାତୀ ସଂଖ୍ୟା ୧୯୩୦ ଥିବା ବେଳେ ୨୦୧୫ରେ ୧୯୫୪ ଓ ୨୦୧୭ ବେଳକୁ ଏହି ସଂଖ୍ୟା ୧୯୭୬କୁ ପହଂଚିଛି । ଅପରପକ୍ଷେ ପ୍ରତିବର୍ଷ ଉଦବେଗଜନକ ଭାବରେ ହାତୀ ମୃତ୍ୟୁ ଘଟିବା ଚିନ୍ତାର ବିଷୟ ପାଲଟିଛି । ୨୦୧୧-୧୨ରେ ୬୮, ୨୦୧୨-୧୩ରେ ୮୨, ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୫, ୨୦୧୫-୧୬ରେ ୮୫, ୨୦୧୬-୧୭ରେ ୭୫, ୨୦୧୭-୧୮ରେ ୭୮ ଓ ୨୦୧୮-୧୯ରେ ୩୫ ଏହିଭଳି ଭାବରେ ଏହି ଅଠ ବର୍ଷ ମଧ୍ୟରେ ମୋଟ ୫୪୮ ହାତୀଙ୍କ ଜୀବନ ଯାଇଛି । ତେବେ ବେସରକାରୀ ହିସାବରେ ହାତୀ ମୃତ୍ୟୁ ଏହାଠାରୁ ଢେର ଅଧିକ ବୋଲି କୁହାଯାଏ ।

ହାତୀ ପାଇ ଆହେତୁକ ବିପତ୍ତି କେବଳ ଓଡ଼ିଶା କିମ୍ବା ଭାରତରେ ନୁହେଁ ବରଂ ସମଗ୍ର ବିଶ୍ୱରେ ଏହି ବିଶାଳକାୟ ପ୍ରାଣୀ ଅସୁରକ୍ଷିତ ହୋଇପଡ଼ିଛି । ଗ୍ରେଟ୍ ଏଲିଫ୍ୟାଣ୍ଟ ସେନସସ୍‌ର ସର୍ଭେ ଅନୁଯାୟୀ ୨୦୦୭ରୁ ୨୦୧୪ ମସିହା ମଧ୍ୟରେ ଆଫ୍ରିକୀୟ ହାତୀଙ୍କ ସଂଖ୍ୟା ପ୍ରାୟ ୩୦ ପ୍ରତିଶତ ହ୍ରାସ ଘଟିଛି ।

ହାତୀ ମୃତ୍ୟୁର ବିଭିନ୍ନ କାରଣ ଥିବା ବେଳେ ସବୁଠାରୁ ମୁଖ୍ୟ କାରଣ ଭାବରେ ଅବାଧରେ ସବୁଜ ବନାନୀକୁ ଧ୍ୱଂସ ଓ ଜଗତୀକରଣକୁ କୁହାଯାଇପାରେ । ହାତୀଟିଏ ଦିନକୁ ଦୁଇଶହ ପଚାଶ ଲିଟର ପାଣି ପିଇବା ସହ ଦେଢ଼ କୁଇଣ୍ଟାଲ ଓଜନର ସବୁଜ ଡାଳପତ୍ର ଖାଉଥିବା ବେଳେ ହାତୀଙ୍କ ପାଇଁ ଯେତିକି ଜଙ୍ଗଲ ଏବଂ ଜଙ୍ଗଲରେ ପିଇବା ପାଣିର ଆବଶ୍ୟକତା ରହିଛି, ସେତିକି ସେମାନଙ୍କୁ ମିଳିବା ବର୍ତ୍ତମାନ କଷ୍ଟକର ହୋଇଛି । ଫଳରେ ଖାଦ୍ୟ ପାନୀୟ ଅନ୍ୱେଷଣରେ ଏ ଜଙ୍ଗଲରୁ ସେ ଜଙ୍ଗଲକୁ ଧାଉଁ ଥିବା ହାତୀ ଅନେକ ସ୍ଥଳରେ ଜନବସତି ମୁହାଁ ହେଉଛନ୍ତି । ଏହି ଜନବସତି ମୁହାଁ ହାତୀ ହିଁ ଅନେକାଂଶରେ ବିପଦ ମୁହଁ ରେ ପଡୁଛନ୍ତି । ସବୁଜ ଜଙ୍ଗଲ କ୍ଷୟ ସହ ଖଣିଖାଦାନ ବୃଦ୍ଧି, ଜଙ୍ଗଲ ପାଖାପାଖି ବିଦ୍ୟୁତ ଆଘାତ, ବେଆଇନ ବ୍ଲାଷ୍ଟିଂ, ଟ୍ରେନ୍ ଧକ୍କା, ଖାଦ୍ୟ ଅଭାବ ସର୍ବୋପରି ଅସାମାଜିକ ବ୍ୟକ୍ତିଙ୍କ ଅବାଧ ହାତୀ ଶିକାର ଯୋଗୁଁ ହାତୀ ବଂଶ ହ୍ରାସ ପାଇବାରେ ଲାଗିଛି । ତେବେ ପ୍ରକୃତିର ଅବକ୍ଷୟ ହିଁ ହାତୀ ମୃତ୍ୟୁର ପ୍ରଧାନ କାରଣ ବୋଲି କୁହାଯାଇ ପାରେ ।

ଏକଦା ରାଜକୀୟ ପ୍ରାଣୀର ମାନ୍ୟତା ପାଇଥିବା ହାତୀଙ୍କ ସଂଖ୍ୟାରେ ଦ୍ରୁତ ହ୍ରାସ ଯୋଗୁଁ ଏବେ ତାକୁ ଲୁପ୍ତପ୍ରାୟ ଜୀବ ବର୍ଗ ରେ ରଖା ଯାଇ ସାରିଛି । ଆଉ ଆଜି ଏହି ରାଜକୀୟ ଜୀବ ନିଜ ଅସ୍ତିତ୍ୱର ରକ୍ଷା ପାଇଁ ଲଢ଼େଇ କରୁଛି । ହାତୀର ସୁରକ୍ଷା ପାଇଁ ପ୍ରତ୍ୟେକ ସଚତନଶୀଳ ନାଗରିକ ହାତୀର କୌଣସି ଶରୀରାଂଶ ରେ ତିଆରି ଜିନିଷ ଆଦୌ କିଣିବା କଥା ନୁହଁ । ବିପଦରେ ହାତୀ ପଡ଼ିଥିବା ଜାଣିଲେ ତୁରନ୍ତ ବନବିଭାଗକୁ ସୂଚନା ଦେବା। ହାତୀକୁ ସରକ୍ଷା ଏବଂ ବଂଚିବାର ସୁବିଧା ସୁଯୋଗ ନ ଦେଲେ ପୁଣି ଏକ ବିଶାଳକାୟ ସ୍ଥଳଚର ପ୍ରାଣୀର ବିଲୁପ୍ତ ହେବାକୁ ହୁଏତ ଆଉ ବେଶୀ ଦିନ ଲାଗିବ ନାହିଁ ।

+ ସିନାପାଲି, ନୂଆପଡ଼ା




### ଅଦୃଶ୍ୟ ପ୍ରେମିକା

### ପବିତ୍ର ବେହେରା

ଶୂନଶାନ୍ ପଥଧାରେ ଚିକମିକ
ମୁକ୍ତାପରି କଅଁଳ ଜୋଛନା

ଲାଜରେ ଲାଜରେ ବିଛୁରି
ବିଛୁରି କାହାର ମଧୂର ମୂର୍ଚ୍ଛନା ।

କାମିନୀ କାଞ୍ଚନ ନିଶା କଳାପଦ
ଆଦୃତ କରାଏ ନୀରବକ୍ଷେ

ସର୍ବାଙ୍ଗ ଶରୀର ଭରିଦିଏ ଏକ
ଅକଳ୍ପନୀୟ ପ୍ରୀତି ଭାବନା ।

ଚନ୍ଦ୍ର, ତାରା, ବିଜୁଳିଖୁଣ୍ଟ ଆଲୋକ
ଗାଏ ଗୀତ ମହ୍ଲାର ରାଗରେ. ।

ଅତୀତର ଅଳସୀ ରାତି ଫେରି
ଆସେ ତାହାର ଶୃଙ୍ଗାର ସାଥିରେ।

ମହାଶୂନ୍ୟେ ତୋଳିଲା କିଏ
ଅପରୂପା ଝଙ୍କାର, କହେ କୁମୁଦିନୀ ।

ସ୍ଖଳିତ ତନୁ ବସନ, ବିରହ ଜ୍ୱାଳା
ବିଷମ ଅଙ୍ଗେ ଶିହରଣେ ।

ଓଠ ଥର ଥର ଚନ୍ଦନ ଶୀତଳ
ବାରି ଅଙ୍ଗେ ଲିପି ହୋଇଯାଏ ।

ବସନ୍ତ ମଳୟ ତାପ, ଶୃଙ୍ଗାର
ବାସ ତୁମ କୁହୁକୁନୀ ରୂପରେ।

ବାହାଲପୁର,ଗଞ୍ଜାମ
ମୋ:୭୭୮୮୮୮୬୬୦୨

### ନିର୍ଜନତାର କବିତା

### ସୁଧାକର ରାଉତ



ଜୀବନକୁ ଜିଏ ନର ଏଠି
ନିଜେ ଲେଖି କାହାଣୀ ନିଜର
କେତେବେଳେ ନାୟକ ସାଜିଣ
ଅବା ଅଭିନୟ ଦର୍ଶକ ର ।

କବିତାରେ କେ ଖୋଜେ ଆଲୋକ
କିଏ ପୁଣି ଖୋଜଇ ଅନ୍ଧାର
ଶୂନ୍ୟତା ଟା ଛୁଏଁ କାର ମନ
ଦର୍ଶନ ଅନ୍ୱେଷେ କେ ଉଦାର ।

ଜୀବନର ଧାରା ବହିଚାଲେ
ଯେସନେ ସୁଏ ମୁହଁ ପତର
ଇଚ୍ଛା ଅନିଚ୍ଛାର ସନ୍ଧି କ୍ଷଣେ

ଅସହ୍ୟ ତାତି ସହି ଛାତିର ।

କବିତା ତା ମୋଡ଼ ବଦଳାଏ
ଖାଇଲେ ସେ ଚେତନା ପ୍ରହାର
ବାସ୍ନାୟିତ ପୁଷ୍ପ ମହକରେ
ଭୁଲେ ଦିବାନିଶିର ପ୍ରହର ।

ଟୋପା ଟୋପା ବର୍ଷା ବିନ୍ଦୁ ପରି
ଝରି ପଡେ କେତେ ଯେ ଅକ୍ଷର
କେତେ ପ୍ରଶ୍ନ ଜଗାଏ ସେ ମନେ
କାର ପୁଣି ନଥାଏ ଉତ୍ତର ।

ପବନରେ ଉଡେ ପୃଷ୍ଠା ସବୁ
ଅନୁଭବ- ଶୃଙ୍ଖଳା ପତର
ସ୍ନାୟୁତନ୍ତ୍ର ଛିଣ୍ଡା ଛିଣ୍ଡି କରି
ବହେ ସୁଖ ଦୁଃଖର ନିର୍ଝର ।

ପାଠକର ଆହା ଆଶ୍ୱାସନା
କବିତାର ଏକାନ୍ତ ନିଜର
ଜୀବନର ଆଶା ମରୀଚିକା
ସମୟ ଉର୍ମି କରେ ଉଦ୍ଧାର ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

### ମାଟି ପାଇଁ ସବୁ କଥା

### ଦୀନବଂଧୁ ବେଜ



ମାଟି ପାଇଁ ତ ସବୁ କଥା
ମାଟି ପାଇଁ ତ ନିର୍ଭିକତା
ମାଟି ପାଇଁ ଗଢ଼ା ଏ ଶରୀର
ମାଟିର ଦାୟାଦ ଭାବେ
ତା ସାଥିରେ ଚାଲିବାକୁ
ହେବ ମିଳି ମିଶି .........
ମାଟି ପାଇଁ ଯିବାକୁ ହେବ ମାଟି
ମାଟି ପାଇଁ ମିଶାଇବାକୁ ହେବ
ଛାତି ସହିତ ଛାତି ।

ବଜ୍ର ଗମ୍ଭୀର ସ୍ୱର ନିନାଦିତ
ବୀର ଆହ୍ୱାନ ଚିର ବିରାଜିତ
ଦେଶପ୍ରିତି ବୀରର ରକ୍ତରେ
ବୀର ସିନା ମଣିଷ ଟେ
ମରିଯାଏ କାଳର ସ୍ରୋତରେ
ଲେଖିଯାଏ ଇତିହାସେ କଥା
ଦିନ ଯାଇ ଚିହ୍ନ ସବୁ
କାଳର କରାଳ ବକ୍ଷରେ
ପିଟୁଥାଏ ମଥା ।

ଆମେ ସବୁ ଏବେର ସ୍ୱାଧିନ
ବେଶି ଦୂର ନୁହେଁ ପରାଧୀନ
ସ୍ୱାଧୀନତା ଶୂନ୍ୟରେ ତଉଲି
ହୃଦୟରେ ଫୁଟି ଉଠି ତୋପ
ବେଶି ଜଳେ ହୋଇ ଦିକ ଦିକ
ବାଜି ଉଠେ ପଞ୍ଚଜନ୍ୟ ଶଙ୍ଖ ।

ସୁଖୀ ଏଠି ଭୋକାତୁର ମାନେ
ଭାତ ବିନା ଥାଆନ୍ତି ସ୍ୱଚ୍ଛନ୍ଦେ
ସବୁ ଏମିତି ବିତିବାର ବେଳ
ସବୁ ଏମିତି ଭୋକର ଭୂଗୋଳ
ସବୁ ଏମିତି ହୁଏ ରେ ଲଢେଇ
ବିଶ୍ୱାସ କେହି କରୁ କି ନକରୁ
ସବୁ ଏହି ଜନ୍ମଭୂମି ପାଇଁ ।

କେତେ ଦୀହୁଡି ଜଳିଛି ମନ୍ଦିରେ
ଦ୍ୱୀପ କେତେ ଜଳିଛି ଅନ୍ତରେ
ତା ସଂଗ୍ରାମୀ ସନ୍ତାନଙ୍କ ଲୁହ
ଚମତ୍କାର ଏ ମାଟିର ମୋହ
କେତେ ଆକର୍ଷଣ
ସେମାନଙ୍କ ବୟାନକୁ ଶୁଣି
ହସି ହସି ପ୍ରାଣବଳୀ
ସତେ ପଡ଼ିବକି ହୃଦୟୁ ଉଛୁଳି ?

ମାଟିରେ ମିଶାଇ ପାରିବ କି
ଆପଣାର ଦେହ
ହାଡ଼ ମାଂସରେ ଗଢ଼ିପାରିବ କି
ତାର ସମସ୍ତ ଶରୀର
ତା ମାଟି ଗୋଡ଼ି ବାଲିରେ
ଥାପି ପାରିବକି କ୍ରାନ୍ତିର ପୟର ।

ତେବେ ଜଳିବନି
ଦିକ ଦିକ ସ୍ୱାର୍ଥର ଦିହୁଡି
ପୋଡିବ ସିନା ବିନା ସ୍ୱାର୍ଥେ ମନ
ହୃଦୟ କରିବ ଭାରତ ପୂଜନ
ମହକିବ ସ୍ୱାଧୀନ ଉତ୍ସବ
ଶାନ୍ତି ମୈତ୍ରୀ ହୋଇ ଐକ ଭାବ
ବିରାଜିତ ଦେଶ ପ୍ରେମ ହୋଇ
ଉପୁଜିବ ପ୍ରିତିର ଫସଲ ।

ମାଲକାନଗିରି, ଓଡ଼ିଶା
ମୋ: ୭୬୮୩୯୨୦୨୨୧





# ବାଘର ଭାଇ



ମୂଳ ହିନ୍ଦୀ-ଶ୍ୟାମ ସିଂହ ଶଶି
ଅନୁସୃଜନ- କସ୍ତୁରୀ ଚରଣ ରାଉତ

ପୃଥିବୀରେ ସର୍ବପ୍ରଥମେ ଗୋଟେ ବାଘ ଜନ୍ମ ହେଇଥିଲା । ତା'ପରେ ଜଣେ ଦେବତା ଓ ପରେ ଏକ ମନୁଷ୍ୟ ଜନ୍ମ ହେଲା । ତିନି ଜଣଙ୍କର ମାଆ ଜଣେ ଥିଲା ।ତିନି ଭାଇ ବହୁତ ଖୁସିରେ ରହୁଥିଲେ । ତାଙ୍କର ମାଆ ଆଦିବାସୀ ସଂପ୍ରଦାୟର ଥିଲା । ସେ ନିଜ ହାତରେ ଜଙ୍ଗଲରୁ ଫଳମୂଳ ଆଣେ ଓ ତିନି ପୁଅଙ୍କୁ ଖୁସିମନରେ ଖୁଆଏ । ସେମାନେ ଯେତେବେଳେ ବଡ଼ ହେଲେ ନିଜ ମାଆର ସେବା କରିବାକୁ ଲାଗିଲେ ।

ଦିନେ ମାଆର ଦେହ ହଠାତ୍ ଖରାପ ହୋଇଗଲା । ବଡ଼ ପୁଅ ବାଘ ତିନି ଦିନଯାଏ କିଛି ଖାଇଲାନି । କେବଳ ମାଆର ପାଦକୁ ଚାଟୁଥାଏ ।

ଦେବତା ଦେଖି ତା'କୁ ବିରକ୍ତ ହେଇ କହିଲା - 'ତୋତେ ଲାଜ ମାଡୁନି ଭାଇ । ଏତେ ବଡ଼ ହେଲୁଣି, ତଥାପି ମାଆକୁ ହଇରାଣ କରୁଛୁ ।କାହିଁକି ମାଆର ପାଦଟାକୁ ଚାଟୁଚୁ ?'

ସେତିକିବେଳେ ମନୁଷ୍ୟ ବି ଆସି ସେଠାରେ ପହଞ୍ଚିଲା । ବାଘର ଏପରି କାମ ଦେଖି ତାକୁ ଏକ କନମୂଳିଆ ଶକ୍ତ ଚାପୋଡ଼ା ଦେଲା । ଦେବତା ଓ ମନୁଷ୍ୟ ତାକୁ ଦୋଷୀ ବୋଲି କହି ଗାଳି ଦେବାକୁ ଆରମ୍ଭ କଲେ । ଏସବୁ ଦେଖି ମାଆ ଦେହ ସହିଲାନି । ସେ କହିଲା -' ଲାଜ ତ ତୁମ ଦୁହିଁଙ୍କୁ ଲାଗିବା ଦରକାର । ତୁମେ ନିଜ ବଡ଼ ଭାଇ ଉପରକୁ ହାତ ଉଠଉଛ । ତୁମ ପରି ତା'ପାଖରେ ଭାଷା ନାହିଁ , ତେଣୁ ସେ ନିଜ ନିର୍ଦ୍ଦୋଷତା ଉପରେ କିଛି କହିପାରୁନି । ତାକୁ ଗାଳି ଦେବା ଓ ମାରିବା ଅଧିକାର ତୁମକୁ କିଏ ଦେଲା ? ମୁଁ ତ ମାଆ- ତୁମ ତିନି ଜଣଙ୍କ ମାଆ । ମୋ ପାଇଁ ତୁମେ ତିନି ଜଣଯାକ ସମାନ । ତିନି ଜଣ ମୋ ଆଖିର ତାରା । ଯାଅ , ଆଗକୁ ଯେପରି ଏମିତି ଭୁଲ୍ ନକର ।'

ଦେବତା ଓ ମନୁଷ୍ୟ ନିଜର କର୍ମ ପାଇଁ ଲଜ୍ଜିତ ହେଲେ । ସେମାନେ ମାଆକୁ କେମିତି କହିବେ ଯେ ତା'ର ଅତ୍ୟଧିକ ପୁତ୍ର ସ୍ନେହରେ ଅନ୍ଧ ହୋଇ ବାଘ ଭାଇ ଜିଦିଆ ହେଇଗଲାଣି । ତା' ଜିଭ ବାଜି ମାଆ ବେଶି ରୋଗୀଣା ହେଇଯାଉଛି । କେବେ କେବେ ତା'ର ଦାନ୍ତ ବି ମାଆ ଦେହରେ ଲାଗିଯାଉଛି ।

ଦିନେ ମାଆର କାନ୍ଦିବାର ଶବ୍ଦ ଶୁଭିଲା । ମାଆର ଦେହ ବେଶି ଖରାପ ହେଲା ଭାବି ଦେବତା ଓ ମନୁଷ୍ୟ ତା'ପାଖକୁ ଦଉଡ଼ିଗଲେ । ସଂଯୋଗକୁ ବାଘ ସେଠାରେ ନଥିଲା । ଦେବତା କହିଲା - ' ମାଆ,ତୁ ବାଘ ଭାଇକୁ ସଫା ସଫା କହିଦଉନୁ ସେ ତୋ'ଠାରୁ ଦୂରେଇ ରହିବ । ତା'ଲାଗି ତୋ ଦେହ ବେଶି ଖରାପ ହେଉଛି ।'

ମନୁଷ୍ୟ ବି ଦେବତା କଥାରେ ସହମତ ହେଲା । କିନ୍ତୁ ମାଆର ବିଚଳିତ ଆଖି କହୁଥିଲା-'କେମିତି କହିବି ? ମୁଁ ପରା ମାଆ ।'

ମାଆର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା । ସେଦିନ ପୂର୍ଣ୍ଣିମା ହେଇଥିଲା । ମାଆ ଖଟରେ ପଡ଼ିଥିଲା । ସେ ଜହ୍ନକୁ କିଛି ସମୟ ଏକ ଲୟରେ ଦେଖିଲା ଓ ସବୁଦିନ ପାଇଁ ଆଖି ବୁଜିଦେଲା । ଦୁଇ ଭାଇ ପାଖକୁ ଯାଇ ଦେଖିଲେ କି ତାଙ୍କ ମାଆ ଆଉ ନାହିଁ । ତା'ର ନିର୍ଜୀବ ଶରୀରଟା ଖାଲି ପଡି ରହିଥିଲା ।

ଦୁହେଁ ମାଆକୁ ଧରି ବହୁତ କାନ୍ଦିଲେ । ଅଚାନକ ମନୁଷ୍ୟକୁ ବାଘ ଆସିବାର ଶବ୍ଦ ଶୁଣାଗଲା । ସେ କହିଲା -' ଦେବତା ଭାଇ, ମାଆର ମରିବା କଥା ଜାଣିଲେ ବାଘ ଭାଇ ରାଗିବ ଆମ ଉପରେ ।'

ଦେବତା କହିଲା -' ତୋର ଅନୁମାନ ଠିକ୍ । ଗୋଟେ ଉପାୟ ଚିନ୍ତାକର ଯେମିତି ସେ ମାଆର ଶବକୁ ଦେଖି ନପାରିବ ।'

ମନୁଷ୍ୟ ଆଗରେ ଏକ ମାଠିଆ ପଡ଼ିଥିବାର ଦେଖିଲା । ସେଥିରେ କେତେଟା କଣା ବି ହେଇଥିଲା । ସେ କଣା ମାଠିଆଟି ନେଇ ବାଘ ପାଖକୁ ଗଲା । କହିଲା - ' ବାଘ ଭାଇ,ଏଇ ମାଠିଆରେ ପୋଖରୀରୁ ଶିଘ୍ର ପାଣି ଆଣିଦେ । ମାଆର ଦେହ ଭୀଷଣ ଖରାପ । ସେ ଆମପାଇଁ ପିଇବା ପାଣି ଆଣି ପାରିନି ।'

ବାଘ ପାଣି ଆଣିବାକୁ ପୋଖରୀକୁ ଗଲା । ସେ ମାଠିଆରେ ପାଣି ଭରି ଆଣିଲା । ଅଳ୍ପ ଦୂର ଆସି ଦେଖିଲା କି ମାଠିଆରୁ କଣାରେ ସବୁ ପାଣି ଖସି ପଡ଼ିଛି । ସେ ପୁଣି ପୋଖରୀକୁ ଗଲା ଏବଂ ପାଣି ଭରି ଆଣିଲା । କିଛି ବାଟ ଆସିବା ପରେ ମାଠିଆ ଖାଲି । ଏହିପରି ବାଘ ଅନେକ ଥର ଯାଇ ପୋଖରୀରୁ ପାଣି ଆଣିବାକୁ ଚେଷ୍ଟା କରି ବିଫଳ ହେଲା । ଏହି ସମୟ



ଭିତରେ ଦୁଇ ଭାଇ ମାଆର ଶବକୁ ନେଇ କୋଉଠି ଲୁଚେଇଦେଲେ ।

ବାରମ୍ବାର ନିରାଶ ହୋଇ ବାଘ ଶେଷରେ ଖାଲି ମାଠିଆ ଆଣି ଘରକୁ ଫେରିଲା । ପାଣି ଆଣି ନପାରିବାର ନିଜର ଅସାମର୍ଥ୍ୟ ଯୋଗୁଁ ଦୁଇ ଭାଇଙ୍କୁ କ୍ଷମା ମାଗିଲା ।

ବାଘ ନିଜ ମାଆକୁ ଦେଖିବାକୁ ଘର ଭିତରକୁ ଗଲା,କିନ୍ତୁ କୋଉଠି ପାଇଲାନି । ଏ ଘର ସେ ଘର, ବାରି ଦୁଆର ସବୁ ଖୋଜିବାକୁ ଲାଗିଲା । କେଉଁଠି ହେଲେ ମାଆକୁ ନଦେଖି ବ୍ୟସ୍ତ ହୋଇ ପଡ଼ିଲା । ରାଗିଯାଇ ନିଜ ଦୁଇ ଭାଇଙ୍କୁ ପଚାରିଲା -' କହ,ମୋ ମାଆକୁ କୋଉଠି ଲୁଚେଇ ରଖିଛ ?'

ଦେବତା ଓ ମଣିଷ କିଛି ନଜାଣିଲା ପରି କହିଲେ- 'ମାଆ ନାହିଁ ? ଏବେ ତ ଥିଲା । କୁଆଡ଼େ ଗଲା ତେବେ ?'

ବାଘ ପରିସ୍ଥିତିକୁ ବୁଝିଲା । ପୁଣି ଗର୍ଜନ କରି କହିଲା -' ଦେବତା, ତୁ ତ ନିଜକୁ ସର୍ବ ଶକ୍ତିମାନ ବୋଲି ଭାବୁଛୁ । ମୋ ମାଆକୁ ଆଣି ମୋତେ ଦେଇ ପାରିବୁନି ? ତୁ ଦେବତା ନୁହଁ ଦାନବ । ତା' ନ ହୋଇଥିଲେ ତୋ ହାତରେ ମୋ ମାଆ ମରି ନଥାନ୍ତା ? ତୁମେ ନିଶ୍ଚୟ ତାକୁ କିଛି ଭଲମନ୍ଦ କହିଥିବ । ଯୋଉଥିପାଇଁ ସେ ଘର ଛାଡ଼ି କୋଉଠି ଯାଇ ମରିଯାଇଛି ବୋଧେ ।'

ଦେବତା ନୀରବରେ ଛିଡ଼ା ହୋଇଥିଲା । ବାଘ ମନୁଷ୍ୟକୁ ଦେଖି କହିଲା -' ମନୁଷ୍ୟ ଭାଇ, ତୁ ତ ବଡ ସହୃଦୟତା ଦେଖେଇ ହେଉଥିଲୁ । ଯେତେବେଳେ ମୁଁ ମାଆ ପାଖକୁ ଯାଉଥିଲି ମୋତେ କେମିତି ରାଗିକି ଦେଖୁଥିଲୁ । ସତେ କି ମାଆ ଉପରେ ତୋର ଯେମିତି ଏକା ଅଧିକାର ଅଛି । ଏବେ ତାକୁ ମାରିଦେଲୁ ନା ? ମୁଁ ଯଦି ଏଠାରେ ଥାଆନ୍ତି ତା'କୁ କେବେ ମରିବାକୁ ଦେଇ ନଥାନ୍ତି ।'

ମାଆ ମରିବା ପରେ ତିନି ଭାଇ ସ୍ଥିର କଲେ କି ଏବେ ସେମାନଙ୍କର ଅଲଗା ହେଇଯିବା ଉଚିତ୍ । ବାଘ ଓ ମନୁଷ୍ୟ ଗାଆଁରେ ରହିବାକୁ ଚାହୁଁଥିଲେ । ଦେବତାର ବି ସେଇ ଇଚ୍ଛା ଥିଲା, ହେଲେ ସେ କେମିତି କହନ୍ତା କି ସେ ବି ଗାଆଁରେ ରହିବାକୁ ଚାହେଁ । ସେ କହିଲା -' ବାଘ ଓ ମନୁଷ୍ୟ ଭିତରେ ଏକ ଦୌଡ଼ ପ୍ରତିଯୋଗିତା ହେବ । ସେମାନଙ୍କ ଭିତରୁ ଯିଏ ଜିତିବ ସେ ଗାଆଁରେ ରହିବ ଓ ଯିଏ ହାରିବ ସେ ଯାଇ ଜଙ୍ଗଲରେ ରହିବ ।'

ଦୌଡ଼ ପ୍ରତିଯୋଗିତାରେ ଦୁଇ ଜଣଙ୍କୁ ଏକ ଗଛ ପର୍ଯ୍ୟନ୍ତ ଯିବାକୁ ହେବ । ଗଛରେ ଗୋଟିଏ ତୀର ଗେଞ୍ଜିବାକୁ ପଡ଼ିବ । ଯିଏ ଆଗ ପହଞ୍ଚି ଗଛରେ ତୀର ଗେଞ୍ଜିବ ସେ ଜିତିବ । ଦୁଇ ଜଣ ନିଜ ତୀର ଧରି ପ୍ରସ୍ତୁତ ହେଲେ । ସେତିକିବେଳେ ଦେବତା ମନୁଷ୍ୟ କାନରେ କିଛି ଫୁସଫୁସ୍ କରି କହିଲା । ଯେମିତି ବାଘ ଦୌଡ଼ିକରି ଗଛ ପାଖରେ ପହଞ୍ଚିଲା ,ଦେଖିଲା ଯେ ମନୁଷ୍ୟର ତୀର ପ୍ରଥମେ ଗେଞ୍ଜା ହେଇଥିଲା । ସେ ବୁଝିଲା କି ତାକୁ ଦୁଇ ଭାଇ ଧୋକା ଦେଇଛନ୍ତି । ସେ ଦୁଇ ଭାଇଙ୍କୁ ଘୃଣା ଓ କ୍ରୋଧରେ ଚାହିଁଲା ଏବଂ ତା'ପରେ ଖେଳରେ ହାରିବା କାରଣରୁ ଜଙ୍ଗଲକୁ ପଳେଇଲା । କୁହାଯାଏ ସେଇଦିନଠାରୁ ବାଘ ଜଙ୍ଗଲରେ ରହିବାକୁ ଲାଗିଲା । ଯେତେବେଳେ ତା'ର ପଛ କଥା ମନେ ପଡ଼ିଯାଏ ସେ ନରଖାଦକ ପାଲଟିଯାଏ । ସେ ଦେବତା ଓ ମନୁଷ୍ୟ ଉଭୟଙ୍କୁ ଧୋକାବାଜ ବୋଲି ଭାବେ ।

+ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ, ବଲାଙ୍ଗିର
ମୋ.୮୯୧୭୩୯୭୩୪୮

# ସୁନେଲୀ ଫୁଲ ଓ ପିମ୍ପୁଡି ରାଣୀ



ନଗେନ୍ଦ୍ର ନାଥ ପଟ୍ଟନାୟକ

ରାଜୁହାତୀ ଥରେ ଶ୍ୟାମଘନ







ଜଙ୍ଗଲରେ ଜୀବଜନ୍ତୁଙ୍କ ପାଇଁ ଏକ ମଜାଳିଆ ପ୍ରତିଯୋଗିତାର ଆୟୋଜନ କଲା । ଦୂର ଜଙ୍ଗଲରେ ଏକ ସୁନେଲି ରଙ୍ଗର ଫୁଲ ଫୁଟୁଥାଏ । ଫୁଲଟି ଖୁବ୍ ସୁନ୍ଦର ଓ ଚମତ୍କାର ଦିଶୁଥିଲା ।

ରାଜୁହାତୀ ସବୁ ପ୍ରତିଯୋଗୀଙ୍କୁ ପ୍ରତିଯୋଗିତାର ନିୟମକାନୁନ ବତେଇଲା । ଭୂଇଁରେ ଲମ୍ବା ଗାରଟିଏ ଟାଣିଦେଇ କହିଲା -ତୁମେମାନେ ସମସ୍ତେ ଏଇ ନିର୍ଦ୍ଦିଷ୍ଟ ଲାଇନରେ ରହି ସିଧା ସେଇ ସୁନେଲି ଫୁଲ ଆଡେ ଦୌଡିବ । ଯେ ସେଇ ଫୁଲର ମହକକୁ ନେଇ ସବା ଆଗ ଆସିବ ତାକୁ ପ୍ରତିଯୋଗିତାରେ ବିଜେତା ବୋଲି ସବ ସାଧାରଣରେ ଘୋଷଣା କରାଯିବ ।

ହରିଣ, ଠେକୁଆ କୋକୀ ଶିଆଳୀ ହେରିକା ଜୀବଜନ୍ତୁ ପ୍ରତି ଯୋଗିତାରେ ନିଜର ନାମ ଲେଖାଇଲେ । ପ୍ରତି ଯୋଗିତା ପାଇଁ ସଭିଏଁ ଗୋଟିଏ ଜାଗାରେ ରୁଣ୍ଡହେଲେ । ସେତିକିବେଳେ ଏ ପ୍ରତି ଯୋଗିତାରେ ପିମ୍ପୁଟିଟିଏ ବି ନିଜ ନାମ ଲେଖାଇବା ଲାଗି ଆସିଲା । ପିମ୍ପୁଡିକୁ ଦେଖି ପଶୁମାନେ ଠୋ ଠୋ ହେଇ ହସିବାକୁ ଲାଗିଲା । ସେମାନେ ପିମ୍ପୁଡିକୁ କହିଲେ - ପିମ୍ପୁଡି ରାଣୀ, ତୁ କଣ ପ୍ରତି ଯୋଗିତାରେ ଭାଗନେବୁ । ଆମର ଗୋଟିଏ ପଦପାତ ତୋର ହଜାର ପଦପାତ ସହ ସମାନ । ପିମ୍ପୁଡି ଉଦାସ ମୁହଁରେ କହିଲା -ମାନୁଚି ମୁଁ ଗୋଟେ ଛୋଟିଆ ଜୀବ, ମୁଁ କଅଣ କରିବି ଯେ ! ଏଥିରେ ମୋ ଦୋଷ କୋଉଠି ? ହାତୀଭାଇ -ତୁମେ କହିଲ ,ଛୋଟିଆଟେ ହୋଇଥିବାରୁ ମୁଁ କଅଣ ପ୍ରତିଯୋଗିତାରୁ ବାହାରିଯିବି ?

ରାଜୁହାତୀ କହିଲା -ନାଇଁ. . .ନାଇଁ ପିମ୍ପୁଡି ରାଣୀ ,ବିଲକୁଲ ନୁହେଁ । ତୁ ଅଲବତ୍ ପ୍ରତିଯୋଗିତାର ଅଂଶଗ୍ରହଣ କରିବୁ । କାରଣ ପ୍ରତିଟି ପ୍ରତିଯୋଗିତରେ ହାରଜିତ୍ ରହିଛି । ଏଥିରେ ଅଧିକ ପ୍ରତିଯୋଗୀ ଯୋଗଦେଲେ ପ୍ରତି ଯୋଗିତାର ମହତ୍ୱ ବଢେ । ଏଡେ ବକଟେ ସିନା ହେଲେ କମଜୋର ତ ନୁହଁ ।

ରାଜୁହାତୀ ଶାଗୁଆ ରଙ୍ଗର ପତକା ଦେଖାଇ ଦୌଡ ପ୍ରତିଯୋଗିତା ଆରମ୍ଭ କଲା । ଜୀବଜନ୍ତୁ ସବୁ ଖୁବ୍ ଜୋରରେ ଦୌଡିବାକୁ ଲାଗିଲେ । ସମସ୍ତେ ବେଗାବେଗି ସେଇ ସୁନେଲୀ ଫୁଲର ମହକକୁ ନେଇ ଫେରି ଆସିବାକୁ ହାଇଁପାଇଁ ହେଉଥିଲେ । ଏ ଭିତରେ ସେ ପ୍ରତିଯୋଗିତା ବାବଦରେ ଶେରସିଂହ କାନକୁ ଖବର ଗଲା । ତେଣୁ ସେଇ ରାସ୍ତାକୁ ସେ ଆଗେ ଘେରିରହିଲା । ଶେରସିଂହକୁ ଦେଖି ସବୁ ଜୀବଜନ୍ତୁ ଡରରେ ଛାନିଆଁ ହେଇ ଜୀବନ ବିକଳରେ ଇଆଡେ ସିଆଡେ ପଳେଇଗଲେ । ଯେନତେନ ପ୍ରକାରେ ସମସ୍ତେ ଯେଝା ଯେଝାର ଜୀବନ ବଂଚାଇଲେ ।

ଫେରିଆସି ଜୀଜବନ୍ତୁମାନେ ରାଜୁ ହାତୀକୁ ସବୁକଥା ବଖାଣିଲେ । ରାଜୁ ହାତୀ ପ୍ରତିଯୋଗିତ ପୂରା ନ ହେବାରୁ ମୁହଁ ଶୁଖାଇଲା । କହିଲା -ଏ ପ୍ରତିଯୋଗିତା ବେକାର ହୋଇଗଲା । କାହାକୁ ବି ପୁରସ୍କାର ଓ ଟ୍ରଫି ମିଳିପାରିଲା ନାହିଁ ।

ସେଠି ସଭିଏଁ ମୁହଁ ଫୁଲେଇ ବସିଥିବା ବେଳେ ପିମ୍ପୁଡି ରାଣୀ ଦୂରରୁ ଆସୁଥିବାର ଦେଖିଲେ । ହାଉଲେ ହାଉଲେ ଆସୁଥିବା ପିମ୍ପୁଡି ରାଣୀର ମୁହଁରେ ମୁରୁକା ମୁରୁକା ହସ ଉକୁଟିଆସୁଥିଲା । ପିମ୍ପୁଡିରାଣୀ ଯେତେବେଳେ ସେମାନଙ୍କ ପାଖକୁ ଆସିଲା ତା ଖୁସିର ରହସ୍ୟ କଣ ସେମାନେ ଜାଣିବାକୁ ଚାହିଁଲେ । ପିମ୍ପୁଡି ଖୁସିରେ ଗଦଗଦ ହେଇ କହିଲା -ହାତୀଭାଇ, ମୁଁ ପ୍ରତିଯୋଗିତାରେ ପୂରାପୂରି ଅଂଶଗ୍ରହଣ କଲି ,କିନ୍ତୁ ସବା ଶେଷରେ ଆସିଲି । ବୋଧହୁଏ ସବୁ ପଶୁ ମୋଠୁ ବହୁ ଆଗରୁ ସେ ସୁନେଲୀ ଫୁଲର ମହକକୁ ଘେନି ଆସିଛନ୍ତି । ହେଲେ ଏତିରେ ମୋର ତିଳେମାତ୍ର ଦୁଃଖ ନାଇଁ । କାରଣ ମୁଁ ପ୍ରତି ଯୋଗିତାରେ ଆରମ୍ଭରୁ ଶେଷ ଯାଏ ଭାଗନେଲି ।

ରାଜୁହାତୀ ପିମ୍ପୁଡି କଥା ଶୁଣି ଖୁସିରେ କୁରୁଳିଉଠିଲା । କହିଲା -ହେ ମୋର ସ୍ନେହୀ ପିମ୍ପଡିରାଣୀ ,ତୁ ପଛରେ ଆସିନୁ, ବରଂ ତୁ ଆଜିର ବିଜେତା । ସବୁ ଜୀବଜନ୍ତୁ ଶେରସିଂହ ଭୟରେ ଜଡସଡ ହେଇ ଲେଉଟିଆସିଲେ । କିନ୍ତୁ ତୁ ପ୍ରତିଯୋଗିତାକୁ ପୂରା କଲୁ । ସେଥିପାଇଁ ତୁ ଆଜିର ବିଜେତା । ଉପସ୍ଥିତ ସବୁ ଜୀଜଜନ୍ତୁ ଏକାସ୍ୱରରେ କହିଲେ ଆମେ କେମିତି ବିଶ୍ୱାସ କରିବୁ ଯେ ପିମ୍ପୁଡି ରାଣୀ ସୁନେଲୀ ଫୁଲର ମହକ ନେଇ ଆସିଛି ? ଏମତି କରିଥିବା ତ କେହି ଆଖିରେ ଦେଖିନାହାନ୍ତି । ଏଣୁ ସେ ମିଛ କହିପାରେ । ସେତିକିବେଳେ ରାଜୁହାତୀ କହିଲା - ନାଇଁ, ପିମ୍ପୁଡୀ ସତକଥା କହିଚି । କାରଣ ସୁନେଲୀ ଫୁଲର ମହକ ଯେ ବି ନିଏ ସେଇ ମହକ ତା ପାଖରୁ ବି ଆସୁଥାଏ । ମୁଁ ସେଇ ମହକକୁ ବେଶ୍ ଭଲ ଭାବରେ ଚିହ୍ନିଚି । ଏଥର ସବୁ ଜୀବଜନ୍ତୁ ପିମ୍ପଡି ପାଖକୁ ଯାଇ ସେଇ ମହକକୁ ଅନୁଭବ କରିପାରିଲେ । ଛୋଟିଆ ପିମ୍ପୁଡି ରାଣୀକୁ ଘନଘନ ତାଳିମାଡ ଶବ୍ଦରେ ବିଜେତା ରୂପେ ଘୋଷଣା କରାଯାଇ ଟ୍ରଫି ପ୍ରଦାନ କରାଗଲା । ବକଟେ ପାଇଁ ନିଜେ ଗର୍ବରେ ଫୁଲିଉଠିଲା ପିମ୍ପୁଡିରାଣୀ । କାରଣ ଏଇ ଛୋଟିଆ ହେବା କାରଣରୁ ସେ ଆଜି ହିଂସ୍ର ଶେରସିଂହ ଦାଉରୁ ନିଜକୁ ରକ୍ଷା କରିପାରିଲା ।

+ଓସ୍କାର
ସିଟି, ପ୍ଲଟ ନଂ-୪୫୪,
ଲେନ ନଂ-୯, ଲକ୍ଷ୍ମୀସାଗର କେନାଲ
ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଫର ଫର ଉଡେ ତ୍ରିରଂଗା ଆମ.......

ରାମଚନ୍ଦ୍ର ବେହେରା

ନୀଳ ଆକାଶରେ ଫର ଫର ଉଡେ
ତ୍ରିରଂଗା ପତାକା ଆମ
ଆସରେ ଗାଇବା ଜାତୀୟ ସଂଗୀତ
କରିବା ତା'ର ସମ୍ମାନ ।
ତିନି ରଂଗେ ହସେ ତ୍ରିରଂଗା ଆମର
ନାରଂଗୀ ଧବଳ ନୀଳ
ଧବଳ ମଝିରେ ଅଶୋକ ଚକ୍ରଟି
ସ୍ନେହ ମମତାର ମୂଳ ।
ସତ୍ୟ ଶାନ୍ତି ନ୍ୟାୟ ଅଟଇ ପ୍ରତୀକ
ତ୍ରିରଂଗାର ତିନି ରଂଗ
ଅହିଂସା ନୀତିକୁ ଆଗେଇ ନେବାକୁ
ଦେଇଥାଏ ସିଏ ସଂଗ ।
ଭେଦ ଭାବ ଶୂନ୍ୟ ମୋ ଦେଶ ମହାନ
ଧନ୍ୟ ତା' ବୀର ସନ୍ତାନ
ତାଂକ ପାଇଁ ଆଜି ବିଶ୍ୱ ଦରବାରେ
ଭାରତ ପାଉଛି ମାନ ।
ଆସ ହୋଇ ଏକ ତ୍ରିରଂଗାର ତଳେ
ଶପଥ କରିବା ଆମେ
ଦେଶ ହିତ ପାଇଁ ସଂଗ୍ରାମ କରିବା
ଭରି ଦେଶପ୍ରେମ ପ୍ରାଣେ ।
ତ୍ରିରଂଗା ପତାକା ଆମ ସ୍ୱାଭିମାନ
ତା' ପାଇଁ କରିବା ଗର୍ବ
ସଭିଂକ ମୁହଁରେ ଖୁସି ବାଣ୍ଟି ଦେବା
ରଖି ଶାନ୍ତି ମୈତ୍ରୀ ଭାବ ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# କବିତା
ତୁମ ପାଇଁ

## ଆସ ମନାଇବା ପୁଣ୍ୟ ଦିବସ

ଧ୍ରୁବ ଚରଣ ବେହେରା ।



ଯେଉଁ ଦିନ ଆମେ ସ୍ୱାଧୀନ ହେଲେ
ଇଂରେଜ ହାତରୁ ଶାସନ ନେଲେ ।
ସେହି ଦିନ ଆଜି ଦିଏ ଡାକରା
ବୀର ଭାରତର ସ୍ମୃତି ନିଆରା ।
ଗାଉଛି ତ୍ରିରଙ୍ଗା ବିଜୟ ବାଣୀ
ବୀର ଶହୀଦଙ୍କ ଲହୁ କାହାଣୀ ।
ପ୍ୱିତ୍ର ମାଟିର ଆମେ ଦାୟଦ
ଦେଶ ସେବା ଆମ ସୁଖ ସଂପଦ ।
ବିଶ୍ୱେ ଗଣତନ୍ତ୍ର ପ୍ରସସ୍ତ ଯାର
ସେବା, ଶାନ୍ତି, ମୈତ୍ରୀ,
ଐକ୍ୟ ତା' ସ୍ୱର ।
ବିଭିନ୍ନତା ମଧ୍ୟେ ରଖି ଏକତା
ଭକ୍ତିର ବନ୍ଦନା ଆମ ସଂହିତା ।
ହିମାଳୟ ଗିରି ଶୃଙ୍ଗ ମଥା ସୁନ୍ଦର
ଲହରେ ତ୍ରିରଙ୍ଗା କାଶ୍ମୀର ତୀର ।
ଫର ଫର ଉଡି କହେ ପତାକା
ଆମେ ଭାରତୀୟ ବିଶ୍ୱ ବିଜେତା ।
କାହିଁ ମୁସଲିମ୍ ଶିଖ୍ ଇସାଇ
ଏକତାରସୁତ୍ର ସଂସ୍କୃତି ନେଇ ।
ଛଅସ୍ତରି ତମ ସ୍ୱାଧୀନ ବର୍ଷ
ଆସ ମନାଇବା ପୁଣ୍ୟ ଦିବସ ।

+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ଫର ଫର ଉଡେ ତ୍ରିରଙ୍ଗା

ସୁବ୍ରତ କୁମାର ଜେନା

ଫର ଫର ଉଡି ତ୍ରିରଙ୍ଗା
ଗାଏ ଶାନ୍ତିର ଗୀତ
ଫର ଫର ଉଡି ଆକାଶେ
ମନ ଲୋଭଇ ସେତ ।

ଶାନ୍ତି ମୈତ୍ରୀ ଆମ ଧରମ
ଆମେ ଭାରତ ବାସୀ
ଆସୁ ଯେତେ ଦୁଃଖ ବିପଦ
ସବୁ ସହୁଯେ ହସି ।

ଶିକ୍ଷା ଓ ପ୍ରଯୁକ୍ତି ବଳରେ
ହସେ ସାରା ଭାରତ
ନୂଆ ବିଶ୍ୱ ଗୁରୁ ରୂପରେ
ଉଚ୍ଚା ଆମ ଦେଶ ମୁକୁଟ ।

ଚାହିଁନୁ କେବେ କା ଅହିତ
ଅମେତ ଶାନ୍ତିର ଦୂତ
ଯେତେବି ଆମରି ବଇରୀ
ହୁଅ ଆତଙ୍କୀ ମୁକ୍ତ ।

ଶାନ୍ତିରେ ରହିଲେ ସଭିଏଁ
ହସି ଉଠିବ ଧରା
ଯୁଦ୍ଧ ଆତଙ୍କ କେବଳ
ଦୁଃଖ ଆଣିଯେ ସାରା ।

ଆମ ସ୍ୱାଭିମାନ ପରିଚୟ ଆମ
ଆମେତ ଧର୍ମ ବିଶ୍ୱାସୀ
ଭୁଲିଯାଉ ସବୁ ବାଦ ଓ ବିବାଦ
ଚାହିଁ କେହିଦେଲେ ହସି ।

+ଶୂରଡିହ,ନନ୍ଦିପୁର
ମୋ: ୯୭୭୬୨୦୮୯୩୦



## ସ୍ୱାଧୀନତା ଦିବସ ପାଳିବା ଆସ

ନିରଞ୍ଜନ ସାହୁ

ଅଗଷ୍ଟ ପନ୍ଦର କହିକହି
ଡାକେ ମୁଁ ସାଙ୍ଗଙ୍କୁ ରହିରହି
ମନେପକା ଆଜି ସଂଗ୍ରାମୀମାନଙ୍କୁ
ବଞ୍ଚିଥିଲେ ମାଡ଼ ସହିସହି ।

ବଡ଼ ବାଉଁଶଟେ ଆଣଆଣ
ତ୍ରିରଙ୍ଗା ଉଡିବ ଜାଣଜାଣ
ଫୁଲ ଦେଇ ଧ୍ୱଜା ବାନ୍ଧି ଦେଇ ସାରି
ଅତିଥିଙ୍କ ହସ୍ତେ ଟାଣଟାଣ ।

ପବନ ବହଇ ସରସର
ତ୍ରିରଙ୍ଗା ଉଡଇ ଫରଫର
ଭାରତ ମାତାର ଜୟଧ୍ୱନି ସାଥେ
ସଂଗ୍ରାମୀଙ୍କ ନାମ ଧରଧର ।

ମନରେ ପ୍ରତିଜ୍ଞା ନିଅନିଅ
ଧ୍ୱଜା ଛୁଇଁ କଥା ଦିଅଦିଅ
ଦେଶ ମାତୃକାର ସେବା କରିବାକୁ
ଦେଶ ପ୍ରେମାମୃତ ପିଅପିଅ ।

ଭାଇଭଉଣୀଏ ଆସଆସ
ଜାତି, ଧର୍ମ , ବର୍ଣ୍ଣ ନାଶନାଶ
ତ୍ରିରଙ୍ଗା ତଳରେ ସମସ୍ତେ ସମାନ
ଦେଶ ପ୍ରେମେ ସର୍ବେ ଝାସଝାସ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଅନଲାଇନରେ ଚିଠି ଓ ନଥିପତ୍ର କାର୍ଯ୍ୟର ଶୁଭାରମ୍ଭ

ମାଲକାନଗିରି, ୧୧/୦୭ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଶା ସରକାରଙ୍କ ଓଡ଼ିଶା ଷ୍ଟେଟ୍ ୱାର୍କ ଫ୍ଲୋ ଅଟୋମେସନ୍ ସିଷ୍ଟମ (ଓସ୍ୱାସ୍) ପ୍ରକ୍ରିୟାକୁ ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍ଘାଟନ କରି କହିଥିଲେ ଯେ, ଓସ୍ୱାସ୍ କୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଗଲେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଫାଇଭ-ଟି ଅନ୍ତର୍ଗତ କାର୍ଯ୍ୟକ୍ରମରେ ଦକ୍ଷତା ବୃଦ୍ଧି ହେବା ସହ ଅହେତୁକ ବିଳମ୍ବକୁ ରୋକା ଯାଇପାରିବ । ତତ୍ ସହିତ ସ୍ୱଚ୍ଛତା, ଦକ୍ଷତା, ପ୍ରଭାବଶାଳିତା ଏବଂ ଉତରଦାୟିତ୍ୱ ନିଶ୍ଚିତ କରିବା ପାଇଁ ଓସ୍ୱାସ୍ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଉପକରଣ ବ୍ୟବସ୍ଥା ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ, ଅଧିକାରୀ, କର୍ମଚାରୀ ଓ ସର୍ବସାଧାରଣଙ୍କ ସୁବିଧା ପାଇଁ ଜିଲ୍ଲାର ସମସ୍ତ ପ୍ରମୁଖ କାର୍ଯ୍ୟାଳୟଗୁଡ଼ିକରେ ୬ ମାସ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ । ଜିଲ୍ଲାପାଳ ୩ଟି ଫାଇଲ କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ କରି ଏହାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତ୍ରିନାଥ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ସମସ୍ତ ଡେପୁଟି କଲେକ୍ଟର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଏନଆଇସି ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା କାର୍ଯ୍ୟାଳୟରେ ଏହାର କାର୍ଯ୍ୟକାରିତା ପାଇଁ ଡିଜିଏମ୍, ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେହିପରି ଭୁବନେଶ୍ୱର ଓସ୍ୱାସ୍ ତରଫରୁ ଏକ ବୈଷୟିକ ଦଳ ଏହାର ସୁପରିଚାଳନା ନିମନ୍ତେ ଉପସ୍ଥିତ ଥିଲେ ।

# ଜିଲ୍ଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ

## - ଶତ ପ୍ରତିଶତ ସଫଳତା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ
## - ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୬,୨୦,୦୦୦ ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯିବ ଔଷଧ

ସୁବର୍ଣ୍ଣପୁର, ୧୧/୦୭ (ନି.ପ୍ର): ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ଜିଲ୍ଲାରେ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆଜି ସକାଳେ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ସ୍ଥାନୀୟ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବର୍ଣ୍ଣପୁର ମିଳେନ୍ଦୁ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱରଂଜନ ପତି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ. ରାଧାକାନ୍ତ ଗଡତ୍ୟା, ସ୍ୱାସ୍ଥ୍ୟ ଅଧିକାରୀ ପି.ଏଚ.ସି. ନାଇକେନପାଲି ଡାକ୍ତର ରାମଶଙ୍କର ତ୍ରିପାଠୀ, ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର, ଡି.ପି.ଏମ. ଏନ.ଏଚ.ଏମ. ବିଶ୍ୱମ୍ବର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ଶତ ପ୍ରତିଶତ ସଫଳତା ପାଇଁ ଜିଲ୍ଲାପାଳ ଶ୍ରୀ ରାୟ ଗୁରୁତ୍ୱାରୋପ କରିବା ସହ ସମସ୍ତେ ନିଶ୍ଚୟ ଔଷଧ ଖାଇବା ଓ ଜିଲ୍ଲାକୁ ଫାଲେଇରିଆ ମୁକ୍ତ କରିବାକୁ ଆହ୍ୱାନ ଦେଇ ଜିଲ୍ଲାର କେହି ଜଣେ ବି ଯୋଗ୍ୟ ଲୋକ ଯେପରି ବାଦ ନ ପଡ଼ିବେ ସେଥିପାଇଁ ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲୁରହିବ । ଆଜି ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ଛାତ୍ର ଛାତ୍ରୀ ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ, ବିଭାଗୀୟ ଅଧିକାରୀ, ଜିଲ୍ଲାର ବରିଷ୍ଠ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ଔଷଧ ସେବନ କରିଥିଲେ । ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସଂଯୋଜକ ଫାଇଲେରିଆ ଜବକିମ୍ବନ ପଧାନ, ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଫାଇଲେରିଆ ନିରାକରଣ ଅଭିଯାନ ସହ ଔଷଧ ସେବନ

ଭୁବନ, ୧୧/୦୭ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଫାଇଲେରିଆ ନିରାକରଣ ଅଭିଯାନ ସହ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମେଡିକାଲ ଅଫିସର ଡ଼ା ରମେଶ କୁମାର ସାହୁ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ନିଜେ ଔଷଧ ଖାଇବା ସହ ସମସ୍ତ କର୍ମଚାରୀ ଔଷଧ ସେବନ କରିଥିଲେ । ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଓ ଏହା କୁ ଖାଇବା ଦ୍ୱାରା ଆମେ ଫାଇଲେରିଆ ମୁକ୍ତ ହେଇପାରିବା ବୋଲି ଡ଼ା ସାହୁ ମତବ୍ୟକ୍ତ କରିଥିଲେ । ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଦିବା ୧୧ ଘଟିକା ସମୟ ରେ ବିଡିଓ କଲ୍ୟାଣ ସୌରଭ ଦାଶ ଫାଇଲେରିଆ ମୁକ୍ତ ଔଷଧ ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ଉଦଘାଟନ କରିଥିଲେ । ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ା ଭାଗବତ ମାଝୀ ଉପସ୍ଥିତ ରହି ସାମୁହିକ ଭାବେ ସମସ୍ତେ ଔଷଧ ସେବନ କଲେ ବାତଜ୍ୱର ରୋଗକୁ ସମ୍ପୂର୍ଣ୍ଣ ମୁକ୍ତ କରିପାରିବା ବୋଲି କହିଥିଲେ । କେବଳ ଗର୍ଭବତୀ ମହିଳା, ୨ ବର୍ଷ ରୁ କମ ବୟସର ଶିଶୁ, ସାତ ଦିନ ମଧ୍ୟରେ ପିଲା ଜନ୍ମ କରିଥିବା ମହିଳା ଓ ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ଔଷଧ ସେବନ କରିବେ ନାହିଁ ବୋଲି ସୂଚନା ଦେଇଥିଲେ । ପରେ ଏନ୍ ଏ ସି ସଭା ଗୃହରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ନିର୍ବାହୀ ଅଧିକାରୀ ଶ୍ୟାମ ସୁନ୍ଦର ସାହୁ ଙ୍କ ସମେତ ସମସ୍ତ କର୍ମଚାରୀ ଔଷଧ ସେବନ କରିଥିଲେ । ଆସନ୍ତା କାଲି ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷିତ ୭୭ ଜଣ ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ସ୍ୱଚ୍ଛ ସାଥୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଘରକୁ ଘର ବୁଲି ଲୋକଙ୍କୁ ଔଷଧ ସେବନ କରାଇବେ ।

# ପୋଲିସ ସୁରକ୍ଷା ବଳୟ ଭିତରେ ହେଲା ଜନଶୁଣାଣି

## ପ୍ଲାକାର୍ଡ ଧରି ଲୋକଙ୍କ ବିରୋଧ ପ୍ରଦର୍ଶନ

ଚମ୍ପୁଆ, ୧୧/୦୭ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ବଡ଼ବିଲ ତହସିଲ ଯୋଡ଼ା ଖଣି ମଣ୍ଡଳ କ୍ଷେତ୍ରରେ ଥିବା ମେସର୍ସ ଟାଟା ଷ୍ଟିଲ ଲିମିଟେଡର ପଶ୍ଚିମ ଯୋଡ଼ା ଲୌହ ଓ ମାଙ୍ଗାନିଜ ଖଣିରୁ ଖଣିଜ ଉତୋଳନ ସମ୍ପ୍ରସାରଣ ନିମନ୍ତେ ପରିବେଶୀୟ ଜନଶୁଣାଣୀ ଯୋଡ଼ା ପୌରପାଳିକା ଅନ୍ତର୍ଗତ ବିଛାକୁଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣୀ ବ୍ୟାପକ ପୋଲିସ୍ ଓ ସୁରକ୍ଷା ବଳୟ ମଧ୍ୟରେ ଆୟୋଜିତ ହୋଇଥିବାର ଦେଖା ଯାଇଛି । ୧୪୩୭.୭୧୯ ହେକ୍ଟର ପରିମିତ ଖଣି ଲିଜ୍ ଅଂଚଳରେ ଅବସ୍ଥିତ ଏହି ଖଣିରୁ ମାଙ୍ଗାନିଜ୍ ଉତ୍ପାଦନ କ୍ଷମତା ବାର୍ଷିକ ୧.୮୦ ଲକ୍ଷ ଟନ୍‌ରୁ ୮.୦ ଲକ୍ଷ ଟନ୍‌କୁ ବୃଦ୍ଧି କରିବା ଏବଂ ଲୌହ ପଥର ଉତ୍ପାଦନ କ୍ଷମତା ବାର୍ଷିକ ଓଭରବର୍ଡନ ଉତ୍ପାଦନ ସହିତ ୧୦.୪୬୭୮ ନିୟୁତ ଟନ୍ ଏବଂ ୩୦୦ ଟିପିଏଚର ୨ଟି ମୋବାଇଲ ପ୍ରୋସେସିଂ ୟୁନିଟ ସ୍ଥାପନ କରିବା ନିମନ୍ତେ ପ୍ରସ୍ତାବ ରହିଛି । ଏଥିରେ କମାରଯୋଡ଼ା, ଭୂୟାଁରୋଇଡା, ବିଛାକୁଣ୍ଡି, ବାଂଶପାଣି ପ୍ରମୁଖ ପ୍ରଭାବିତ ଗ୍ରାମ ରହିଛି । ଆଂଚଳିକ କାର୍ଯ୍ୟାଳୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଦ୍ୱାରା ଆୟୋଜିତ, ବିଛାକୁଣ୍ଡି ଗ୍ରାମରେ ଅନୁଷ୍ଠିତ ଏହି ଜନଶୁଣାଣୀରେ କେନ୍ଦୁଝର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ସଭାପତିତ୍ୱ କରିଥିଲାବେଳେ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ପ୍ରଶାନ୍ତ କର ପରିଚାଳନା କରିଥିଲେ । ପ୍ରଭାବିତ ହେବାକୁଥିବା ଅଂଚଳବାସୀ ଜନ ଶୁଣାଣୀରେ ନିଜ ନିଜର ମତାମତ ଦେବା ସହ ସ୍ଥାନୀୟ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଭାବିତ ଅଂଚଳମାନଙ୍କରେ ପାରିପାର୍ଶ୍ୱିକ ଉନ୍ନତି, ନୂତନ ଜଙ୍ଗଲ ସୃଷ୍ଟି, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍‌କରଣ, ସହିତ ସ୍ଥାନୀୟଙ୍କୁ ନିଯୁକ୍ତିରେ ପ୍ରାଧାନ୍ୟ ଆଦି ଦାବି କରାଯାଇଥିଲା । ଏଥିରେ ୧୨୦ ଜଣ ମୌଖିକ ଏବଂ ୧୨ ଜଣ ଲିଖିତ ଭାବରେ ମତାମତ ଦେଇଥିଲେ । ଅନ୍ୟପଟେ ଏହି ଜନ ଶୁଣାଣୀକୁ କିଛି ସ୍ଥାନୀୟ ଅଂଚଳର ଲୋକେ ବିରୋଧ କରୁଥିବା ଦେଖିବାକୁ ମିଳିଥିବାବେଳେ ବିରୋଧ କରୁଥିବା ଲୋକମାନଙ୍କୁ ଜନଶୁଣାଣୀ ସ୍ଥଳକୁ ଛଡ଼ାଯାଇ ନଥିଲା । ଯାହାଫଳରେ ସେମାନେ ହାତରେ ବିଭିନ୍ନ ବିରୋଧାତ୍ମକ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ସଭା ସ୍ଥାନ ବାହାରେ ବିରୋଧ ପ୍ରଦର୍ଶନ କରିଥିଲେ । ତେବେ ଆଜି ମଧ୍ୟ କମ୍ପାନୀ ପୂର୍ବ ପରି ଚଂଚକତା କରି ପୋଲିସ ଛାଉଣୀ ମଧ୍ୟରେ ଜନଶୁଣାଣୀକୁ ସଫଳ କରିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକ । କମ୍ପାନୀର ଏକଚାଟିଆ ନୀତିକୁ ବିରୋଧ କରୁଥିବା ସ୍ଥାନୀୟ ଲୋକମାନଙ୍କୁ ଜନଶୁଣାଣୀ ସଭାସ୍ଥଳକୁ ଯିବାପାଇଁ ବଳପୂର୍ବକ ଅଟକାଇ ରଖାଯାଉଥିବାବେଳେ କେବଳ ସମର୍ଥକମାନଙ୍କୁ ନେଇ ଏହି ଜନଶୁଣାଣୀ କରାଯାଇଥିବାବେଳେ ପୂର୍ବ ପ୍ରସ୍ତୁତ ଅନୁଯାୟୀ ନିର୍ଦ୍ଦିଷ୍ଟ ଲୋକଙ୍କୁ କମ୍ପାନୀ ସପକ୍ଷରେ କହିବାର ସୁଯୋଗ ଦିଆଯାଇଥିବା କୁହାଯାଉଛି । ତେବେ ଲୋକଙ୍କ ସମସ୍ତ ଦାବିଗୁଡ଼ିକୁ ଯଥା ସମ୍ଭବ ପୂରଣ କରିବା ନିମନ୍ତେ ଚେଷ୍ଟା କରିବେ ବୋଲି ଟାଟା ଷ୍ଟିଲ ଲିମିଟେଡ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଶହେ ବର୍ଷ ଧରି ପ୍ରତାରିତ କରି ଆସୁଥିବା କମ୍ପାନୀ ଏବେ କ'ଣ କରିବ, ଖାଲି ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭକୁଆ ବନାଉଛି ବୋଲି କହିଛନ୍ତି କିଛି ସ୍ଥାନୀୟ ଲୋକ । ତେବେ ଆଜକୁ ୧୦୦ବର୍ଷରୁ ଉର୍ଦ୍ଧ ହେବ ଯୋଡ଼ା ଖଣି ଅଂଚଳରୁ ଲକ୍ଷ ଲକ୍ଷ ଟନ ଖଣିଜ ସମ୍ପଦ ଉତୋଳନ କରି ଆସୁଥିଲେ ମଧ୍ୟ ଖଣି ପ୍ରଭାବିତ ଅଂଚଳରେ ଅଂଚଳବାସୀଙ୍କ ନିମନ୍ତେ ନିଯୁକ୍ତି କ୍ଷେତ୍ରରେ ହେଉ ଅବା ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ପାନୀୟ ଜଳ ପରି ମୌଳିକ ସୁବିଧା ଟିକେ ଯୋଗାଇ ଦେବାରେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଏହି କମ୍ପାନୀର କାଳକ୍ଷେପଣ ନୀତି ସ୍ଥାନୀୟ ଜନସାଧାରଣଙ୍କୁ ଅତିଷ୍ଠ କରିଛି ।

# ଦିବ୍ୟାଙ୍ଗ ଶିଶୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଝାରସୁଗୁଡ଼ା, ୧୧/୦୭ (ନି.ପ୍ର): ପ୍ରତ୍ୟେକ ଶିଶୁ ସ୍ୱତନ୍ତ୍ର ଜିଲ୍ଲାପାଳଙ୍କ ସମ୍ମିଳନୀ ପ୍ରକୋଷ୍ଠରେ ଜିଲ୍ଲାପାଳ ଆବୋଲି ସୁନୀଲ ନରବଣେଙ୍କ ଅଧକ୍ଷତାରେ ଏହି ପ୍ରତ୍ୟେକ ଦିବ୍ୟାଙ୍ଗ ଶିଶୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାରେ ଥିବା ପ୍ରତ୍ୟେକ ଦିବ୍ୟାଙ୍ଗ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟ, ପରାମର୍ଶ, ପରିବାର ପରାମର୍ଶ, ଥଇଥାନ ଆଦି ସୁନିଶ୍ଚିତ କରିବାକୁ ନିଶ୍ଚିତ କରାଯାଇଛି । ବିଶେଷତଃ ଅଟିଜିମ ଶିଶୁ ଓ ସେମାନଙ୍କର ପିତାମାତା ଙ୍କୁ ନିୟମିତ ସ୍ୱାସ୍ଥ୍ୟ ସେବା ଓ ସମସ୍ତ ପ୍ରକାର ସେବା, ଦୃଶ୍ୟଶ୍ରାବ୍ୟ, ଶାରୀରିକ ଫିଜିଓଥେରାପି ଆଦି ସୁବିଧାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବ ଜିଲ୍ଲା ଆଦ୍ୟ ହସ୍ତକ୍ଷେପ କେନ୍ଦ୍ରରେ ସୁନିଶ୍ଚିତ କରିବାକୁ ନିଷ୍ପତି ନିଆଯାଇଛି । ଝାରସୁଗୁଡା ବ୍ଲକରୁ ଆରମ୍ଭକରି ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକ ଓ ପୌରପାଳିକାର ଦିବ୍ୟାଙ୍ଗ ଅଟିଜିମ ଶିଶୁ ଓ ସେମାନଙ୍କର ପିତାମାତା ଏଥିରେ ସୁବିଧା ନେଇପାରିବେ । ପ୍ରତ୍ୟେକଙ୍କୁ ସପ୍ତାହବ୍ୟାପୀ ପରାମର୍ଶ ଓ ଅନ୍ୟାନ୍ୟ ସେବା ସୁନିଶ୍ଚିତ କରାଯିବ । ସେମାନଙ୍କର ରହିବା ନିମନ୍ତେ ନୂତନ ବସ ଷ୍ଟାଣ୍ଡ ସାମନାରେ ଥିବା ଆଶ୍ରୟ ସ୍ଥଳ ବ୍ୟବସ୍ଥା କରାଯାଉଛି । ଏପରିକି ଅଠର ବୟସରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗମାନଙ୍କୁ ଏକତ୍ରିତ କରି ସେମାନଙ୍କୁ ପ୍ରଶିକ୍ଷଣ ସହ ବିଭିନ୍ନ କମ୍ପାନୀ ସହଯୋଗରେ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଛି । ଏଥିନିମନ୍ତେ ତଥ୍ୟ ସ୍ଥାନୀୟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଦେବାପାଇଁ ଅନୁରୋଧ । ଏହି କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ ଆସନ୍ତା ସ୍ୱାଧୀନତା ଦିବସ ଅଗଷ୍ଟ ୧୫ରେ କରାଯିବାକୁ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ପ୍ରବନ୍ଧ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ), ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଓଡିଶା ଜୀବିକା ମିଶନ ଜିଲ୍ଲା ଅଧିକାରୀଙ୍କ ସମେତ ଜିଲ୍ଲାରେ ଥିବା ଦିବ୍ୟାଙ୍ଗ ବିଦ୍ୟାଳୟର କର୍ମକର୍ତା ଆଦି ଯୋଗ ଦେଇଥିଲେ । ଏହି ବ୍ୟବସ୍ଥାରେ ଝାରସୁଗୁଡା ଜିଲ୍ଲା ସହିତ ପଶ୍ଚିମ ଓଡିଶାର ସମସ୍ତ ଅଟିଜିମ ଶିଶୁ ଓ ପରିବାର ସୁବିଧା ପାଇପାରିବେ ।

# ଫୁଲବାଣିରେ ବିଶ୍ୱ ଆଦିବାସୀ ଦିବସ ପାଳିତ

କନ୍ଧମାଳ, ୧୧/୦୭ (ନି.ପ୍ର): ଫୁଲବାଣୀ ବ୍ଲକ ଅଧକ୍ଷା ସସ୍ମିତା କହଁର ଆଦିବାସୀ ସଂସ୍କୃତି ଓ ଐତିହ ନେଇ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଡ଼. ନିରୋଦ କହଁର ଜମି, ଜଳ ଓ ଜଙ୍ଗଲ ଅଧିକାର, ପରିବେଷଣ ଓ ସୁରକ୍ଷା, ରେଗୁଲେସନ ୨୧୯୫୬ ଆକ୍ଟ ଉପରେ କହିଥିଲେ । ଆଦିବାସୀ ମାନେ ସଚେତନ ନ ହେଲେ ଆମେ ଆମର ଲକ୍ଷ ସ୍ଥଳରେ ପହଂଚି ପାରିବନାହିଁ ବୋଲି ମତ ରଖିଥିଲେ । ଆଦିବାସୀ ନିର୍ଯାତନା ଫିରିଙ୍ଗିଆ ସମ୍ପର୍କରେ କୋ ?ଣସି ଆଦିବାସୀ ମାନବ ଅଧିକାର କମିଶନ ର ଦୃଷ୍ଟି ଆକର୍ଷଣ କରିନାହାନ୍ତି । କିନ୍ତୁ ସାଧାରଣ ବର୍ଗ ର ଜଣେ ଲୋକ ହ୍ୟୁମାନ ରାଇଟ୍ସ ର ଦୃଷ୍ଟି ଆକର୍ଷଣ କରିଛନ୍ତି । ପୋଲିସ ଆଦିବାସୀ ଲୋକଙ୍କୁ ନିର୍ଯାତନା ଦେଉଛି ଫିରିଙ୍ଗିଆ ଥାନା ପୋଡି ଘଟଣାରେ ଫିରିଙ୍ଗିଆ ଥାନା ପୋଡି ଘଟଣାରେ ପୋଲିସ ଆଦିବାସୀ ଲୋକଙ୍କୁ ନିର୍ଯାତନା ଦେଉଛି । ଅକଥନୀୟ ଅତ୍ୟାଚାର କରୁଛି । ଅମାନୁଷିକ ଆମନବିକ ଭାବେ ମାଡ ମାରି ମାନବ ଅଧିକାର ଉଲ୍ହଙ୍ଘନ କରୁଛି । ଏ ନେଇ କୁଇ ସମାଜ ଓ ଆଦିବାସୀ ନେତା ମାନେ ସ୍ୱର ଉତୋଳନ କରିବା ଆବଶ୍ୟକ ବୋଲି ଏସ. ଡ଼ି ସି. ର ଉପାଧକ୍ଷା ନଳିନୀ କଂହର ବିଶ୍ୱ ଆଦିବାସୀ ଦିବସରେ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଯିଏ ଯେତେବେଳେ ଚାହିଁବ ସେତେବେଳେ ଆଦିବାସୀ ଉପରେ ପାଦ ରଖି ଚାଲିଯିବ । ସେଥିପାଇଁ ଆଦିବାସୀମାନେ ଏକତ୍ରିତ ହେବା ଆବଶ୍ୟକ ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ । ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାର୍ଷିଆନ ଆଦିବାସୀ ନେତା ଗୌତମ ପ୍ରଧାନ ଆଦିବାସୀ ସଂସ୍କୃତି ଓ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପରିଷଦ ଅଧକ୍ଷା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାଦୀ ଏକତା ଉପରେ ଗୁରୁତ୍ୱ ଦେଇଥିଲେ !ସମାବେଶରେ କାନ୍ଧମାଳର ଆଦିବାସୀ ମାନେ ଅଳ୍ପ ସଂଖ୍ୟାରେ ଯୋଗ ଦେଇଥିବାରୁ କ୍ଷୋଭ ପ୍ରକାଶ କରି ଥିଲେ । ଅନ୍ୟତମ ଅତିଥି ଖଜୁରୀପଡା ସମିତି ଅଧକ୍ଷା ସୁଶ୍ରୀ ଅନିମା କଂହର ମଧ୍ୟ ଅଳ୍ପ ସଂଖ୍ୟକ ଆଦିବାସୀ ଭାଇ ଓ ଭଉଣୀଙ୍କର ସମାବେଶ ଦେଖି କ୍ଷୋଭ ପ୍ରକାଶ କରି ଏକତାକୁ ସୁଦୃଢ ନକଲେ ଆମେ ଆମର ଲକ୍ଷ ହାସଲ କରି ପରିବା ନାହିଁ ବୋଲି କହିଥିଲେ । ରାଜ୍ୟ ସରକାର ଆଦିବାସୀଙ୍କୁ ଦେଇଥିବା ସୁବିଧା ସୁଯୋଗ ଓ ଅଧିକାରକୁ ସାବ୍ୟସ୍ତ କରିବାକୁ ହେଲେ ସମସ୍ତେ ସକ୍ରିୟ ଉଦ୍ୟମ କରିବାକୁ ହେବ ବୋଲି କହିଥିଲେ ! ଏସ ଡ଼ି ସି ଚେରମେନ ରୋଦନ ମଲିକ ମୁଖ୍ୟମନ୍ତ୍ରୀ କାନ୍ଧମାଳକୁ ଦୁଇ ଦୁଇ ଥର ଅଧକ୍ଷ ପଦ ଦେଇଥିବାରୁ ତାଙ୍କୁ ଧନ୍ୟବାଦ ପ୍ରଦାନ କରି ଆଦିବାସୀ ସଂସ୍କୃତି କୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । କୁଇ ଲିପି ଲେଖକ ଦୀନବନ୍ଧୁ କଂହର କୁଇ ସମାଜକୁ କୁଇ ଭାଷା ଓ ଲିପି ହିଁ କୁଇ ବା ଆଦିବାସୀର ପ୍ରକୃତ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ !ଇନ୍ଦ୍ରମଣି କହଁର ମଧ୍ୟ ଆଦିବାସୀ ମାନେ ବିଭିନ୍ନ ରାଜ୍ୟରେ ସକ୍ରିୟ ଅଛନ୍ତି ! ପୃଥିବୀରେ ମଧ୍ୟ ଆଦିବାସୀ ମାନେ ସେମାନଙ୍କର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ସୂଚନା ଦେଇଥିଲେ !ପ୍ରଥମ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ତିଲକା ମାଝୀ ୧୭୮୪ରେ ବ୍ରିଟିଶ ବିରୁଦ୍ଧରେ ଲଢେଇ କରିଥିଲେ ! ବରିଷ୍ଠ ଆଦିବାସୀ ପ୍ରତିନିଧି ଓ ପୂର୍ବତନ ସମିତି ଅଧକ୍ଷ ଦୁର୍ଗା ମାଧବ କଂହର ଆଦିବାସୀ ମାନଙ୍କର ଦେଶ ଓ ସମାଜ ଗଠନରେ ଥିବା ଭୂମିକା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ ! ସମାଜ ସେବୀ ଓ ଆଦିବାସୀ ନେତା ପଂଚାନନ କଂହର କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ସାଧାରଣ ସମ୍ପାଦକ ଅବନୀ କହଁର ବାର୍ଷିକ ବିବରଣୀ ପାଠ କରଥିଲେ ! ଏହି ସମାବେଶରେ ସଭାପତି, ଦଶ ଗୋଟି ବ୍ଲକର ସମିତି ଅଧକ୍ଷ, ୧୭୨ ସରପଂଚ, ତିନୋଟି ବିଧାୟକ ଯୋଗ ଦେଇ ନଥିବା ଦେଖିବାକୁ ମିଳିଥିଲା ।

# ଖାଦ୍ୟର ମାନ ଓ ସଫେଇ ଉପରେ ଯାଂଚ : ହୋଟେଲ ପ୍ରିନସେସ ରେଷ୍ଟୁରାଂଟ ସିଲ

ଜୟପୁର, ୧୧/୦୭ (ନି.ପ୍ର): ଜୟପୁର ସହରରେ ଥିବା ରେଷ୍ଟୁରାଂଟ ଓ ରାସ୍ତା କଡ ହୋଟେଲ ଉପରେ ଚଢାଉ ହୋଇଛି । ଜୟପୁର ପୌର ପାଳିକା ଓ ଫୁଡ ସେଫ୍ଟି ଟିମର ମିଳିତ ଚଢାଉ କରାଯାଇଛି । ଜୟପୁର ଟାଉନ ଥାନା ନିକଟରେ ଥିବା ହୋଟେଲ ପ୍ରିନସେସ ଉପରେ ଚଢାଉ କରାଯାଇଥିଲା । ରେଷ୍ଟୁରାଂଟ ସ୍ୱଛ ନଥିବା ସହ ଅପ୍ରତି କର ପରିବେଷରେ ଖାଦ୍ୟ ପ୍ରସୁତି, ବାସୀ ଖାଦ୍ୟ , ଏକ୍ସପାଇଡ ଡେଟ ସରିଯାଇଥିବା ଫୁଡ କଲର ଆଦି ଟିମ ର ନଜର କୁ ଆସିଥିଲା। ଏହି ଟିମ ହୋଟେଲ ପ୍ରିନସେସର ମାଲିକ କୁ ୨୦ ହଜାର ଟଙ୍କା ଜୋରିମାନା ପକାଇବା ସହ ୧୫ ଦିନ ପାଇ ରେଷ୍ଟୁରାଂଟକୁ ସିଲ କରାଯାଇଛି । ୧୫ ଦିନପରେ ପୌର ପରିଷଦ ଯାଂଚ କରିବା ପରେ ଠିକ ଥିଲେ ଖୋଲିବାକୁ ଅନୁମତି ଦିଆଯିବ । ହୋଟେଲ ପ୍ରିନସେସରେ ଅପ୍ରିତକର ପିରିବେଷରେ ଖାଦ୍ୟ ପ୍ରସ୍ତୁତ କରିବା ସହ ବାସୀ ଖାଦ୍ୟ ଦେଉ ଥିବା ନେଇ ଦୀର୍ଘ ବର୍ଷ ହେବ ଅଭିଯୋଗ ହୋଇ ଆସୁଥିଲା । କିନ୍ତୁ ପ୍ରଶାସନିକ ଅଧିକାରି ମାନେ ଅଭି ଯୋଗ ପାଇ ନିରବ ରହୁଥିଲେ । ବର୍ତମାନ ପ୍ରଶାସନ ଏପରି ଚଢାଉ କରି ରେଷ୍ଟୁରାଂଟକୁ ସିଲ କରିଥିବାରୁ ଜୟପୁର ବାସୀ ପ୍ରଶାସନ ଉରପେର ଆସ୍ଥା ପ୍ରକଟ କରିଛନ୍ତି । ଏନକେଟି ରୋଡ ସ୍ଥିତ ହୋଟେଲ ଉଡସ ରେ ମଧ୍ୟ ଚଢାଉ କରାଯାଇଥିଲା । ସେଠାରେ ମଧ୍ୟ ଅପ୍ରିତିକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହୋଇଥିଲା । ଏକ୍ସପାଇଡ ଡେଟ ସରିଯାଇଥିବା ଫୁଡ କଲର ଆଦି ଟିମ ଦେଖି ଉକ୍ତର ମାଲିକକୁ ୫ ହଜାର ଟଙ୍କା ଜୋରି ମାନା ପକାଯାଇଥିଲା । ଏହା ସହ ୧୨୦ ମାଇକ୍ରନରୁ କମ ବିକ୍ରୟ କରୁଥିବା ଓ ବ୍ୟବହାର କରୁଥିବା ଦୋକାନ ଉପରେ ଚଢାଉ କରାଯାଇଥିଲା । ଚଢାଉ କରି ୨୫ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ଏହା ୨ଟି ରେଷ୍ଟୁରାଂଟ, ୪ଟି ହୋଟେଲ, ୨ଟି ଡିଷ୍ଟ୍ରିବ୍ୟୁଟେର , ବେଆଇନ ପନିଥିନ କାରବାର ଉପରେ ଚଢାଉ କରାଯାଇ ମୋଟ ୪ ୨ ହଜାର ୮ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହି ଚଢାଉ ରେ ଖାଦ୍ୟ ନିରାପତା ନିରିକ୍ଷକ ପ୍ରଭାସ କୁମାର ପୌରପାଳିକା ତରଫରୁ ପି .ଜଗଦିଶ ପ୍ରମୁଖ ଚଢାଉ କରି ଜୋରିମାନା ଆଦାୟ କରିବା ସହ ରେଷ୍ଟୁରାଂଟ ସିଲ କରିଥିବା ନେଇ ଜୟପୁର ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୁଚନା ଦେଇଛନ୍ତି । ଆଗାମି ଦିନରେ ମଧ୍ୟ ଏପରି ଚଢାଉ ଜୋର ସୋରରେ ହେବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରି ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଟାଟା ଷ୍ଟିଲ ଲିମିଟେଡର ଯୋଡାୱେଷ୍ଟ ଲୌହ ଓ ମାଙ୍ଗାନିଜ୍ ଖଣି ସମ୍ପ୍ରସାରଣ ନିମନ୍ତେ ଜନ ଶୁଣାଣି

ଯୋଡ଼ା, ୧୧/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା, ଯୋଡ଼ା ଖଣି କ୍ଷେତ୍ରରେ ଥିବା ଟାଟା ଷ୍ଟିଲ ଲିମିଟେଡ ର ଯୋଡାୱେଷ୍ଟ ଲୌହ ଓ ମାଙ୍ଗାନିଜ୍ ଖଣିର ସମ୍ପ୍ରସାରଣ ନିମନ୍ତେ ଜନଶୁଣାଣୀ ଗୁରୁବାର ବିଚାକୁଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୧୪୩୭.୭୧୯ ହେକ୍ଟର ପରିମିତ ଖଣି ଲିଜ୍ ଅଂଚଳରେ ଅବସ୍ଥିତ ଏହି ଖଣିରୁ ମାଙ୍ଗାନିଜ୍ ଉତ୍ପାଦନ କ୍ଷମତା ବାର୍ଷିକ ୧.୮ ଲକ୍ଷ ଟନ୍ ରୁ ୮ ଲକ୍ଷ ଟନ ଏବଂ ଲୌହ ପଥର ଉତ୍ପାଦନ କ୍ଷମତା ଓଭରବର୍ଡନ ଉତ୍ପାଦନ ସହିତ ବାର୍ଷିକ ୭୬.୬୨ ଲକ୍ଷ ଟନ୍ ଉତୋଳନ କରିବା ନିମନ୍ତେ ପ୍ରସ୍ତାବ ରହିଛି । ଏହି ସଭାକୁ ଘାସିରାମ ମୁର୍ମୁ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହର ଉନ୍ନୟନ ସଂସ୍ଥା, କେନ୍ଦୁଝର ସଭାପତିତ୍ୱ କରିଥିଲେ ଏବଂ ପ୍ରଶାନ୍ତ କର, ଆଂଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପରିଚାଳନା କରିଥିଲେ । ସର୍ବମୋଟ ୧୨୦ ଜଣ ସ୍ଥାନୀୟ ଅଂଚଳବାସୀ ନିଜ ନିଜର ମତବ୍ୟକ୍ତ କରି ଅଂଚଳର ଉନ୍ନତି ସହ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ୧୨ ଜଣ ଲିଖିତ ଦାବି ଜଣାଇଥିଲେ । ପ୍ରଭାବିତ ଅଂଚଳର ସ୍ଥାନୀୟଙ୍କୁ ନିଯୁକ୍ତି, ସ୍ୱାସ୍ଥ୍ୟ ସେବା, ପାରିପାର୍ଶ୍ୱିକ ଉନ୍ନତି, ପାନୀୟ ଜଳ ର ସୁବ୍ୟବସ୍ଥା, ବିଦ୍ୟୁତ୍ କରଣ, ଆଦି ଦାବି କରି ଏହି ସମ୍ପ୍ରସାରଣ କୁ ସେମାନେ ସର୍ତମୂଳକ ସମର୍ଥନ ଜଣାଇଥିଲେ । ଲୋକଙ୍କ ସମସ୍ତ ଦାବି ଗୁଡ଼ିକୁ ଯଥା ସମ୍ଭବ ପୂରଣ କରିବା

# ଟାଉନ ବାଳିକା ହାଇସ୍କୁଲରେ ଜାତୀୟ କୃମି ନାଶକ ଦିବସର ଶୁଭ ଉଦ୍‌ଘାଟନ

ବଲାଙ୍ଗୀର, ୧୧/୦୭ (ନି.ପ୍ର): ବାଲାଙ୍ଗୀର ଟାଉନ ବାଳିକା ହାଇସ୍କୁଲରେ ଜାତୀୟ କୃମି ନାଶକ ଦିବସ ର ଶୁଭ ଉଦଘାଟନ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜ଼ିଲ୍ଲା ମୁଖ୍ୟ ଚିକତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜ଼ିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଦିବ୍ୟ କିଶୋର ପତି, ବି ଇ ଓ କୁମଦିନି ମିଶ୍ର, ଏମ୍‌ପିଏଚ୍‌ଡବ୍ଲୁଏଫ୍ ପିନାକୀ ସାହୁ, ଡି ଏମ ଆରସିଏଚ ଗୁରୁବେଦ କୁମ୍ଭାର, ଜ଼ିଲ୍ଲା ଜନ ସ୍ୱାସ୍ଥ୍ୟ ସାମ୍ପ୍ରସାରଣ ଅଧିକାରୀ ରୀତାଞ୍ଜଳି ମିଶ୍ର, ଏପିଏମ ରାମାନୁଜ ପଣ୍ଡା, ଏଏମଆଇସି ବିସିସି କବିନ୍ଦ୍ର ଜେନା, ଆଶା ଗୀତାଞ୍ଜଳି ନାଏକ ଯୋଗଦେଇ ଏହି ଦିବସ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ମତ ରଖିଥିଲେ । ଛାତ୍ରୀମାନେ ଡେମୋ ମାଧ୍ୟମରେ ସଚେତନତା କରିଥିଲେ । ଏବଂ ଅଗଷ୍ଟ ୧୦ ତାରିଖରୁ ଆସନ୍ତା ୧୭ ତାରିଖ ଯାଏ ଏକ ସପ୍ତାହ ଯାଏ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିବ ବୋଲି ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି । ହାଇସ୍କୁଲର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

ବଲାଙ୍ଗୀର, ୧୧/୦୭ (ନି.ପ୍ର): ସ୍ୱାଧୀନତା ଦିବସ ଅବସରରେ ଜିଲ୍ଲା ପ୍ରଶାସନ ଓ ସାପ୍ତାହିକ ପ୍ରେରଣାର ସହଯୋଗରେ ଗତ ଦୁଇ ଦିନ ଧରି ସ୍ଥାନୀୟ ପି.ପି ଏକାଡେମୀ ଠାରେ ହାଇସ୍କୁଲ ଓ କଲେଜସ୍ତରୀୟ ଓଡ଼ିଆ ଏବଂ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସାର୍‌କୁଲ ଓ କଲେଜରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରେରଣାର ସଂପାଦକ ରଘୁ ନନ୍ଦନ ସିଂହଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସାମ୍ବାଦିକ ମହେନ୍ଦ୍ର ଦର୍ଜି, ସୁଧୀର ମିଶ୍ର, କିସ୍ ରେସଡେଣ୍ଟାଲ ସ୍କୁଲର ଅଧକ୍ଷ ଆକାଶ କୁମାର ମିଶ୍ର, ରଶ୍ମି ପାତ୍ର, ଅଧାପିକା ହିମାନୀ ହିମାନୀ ତ୍ରିପାଠୀ, ଶିକ୍ଷୟତ୍ରୀ ଝୁନୁଲତା ସାବତ, ସତ୍ୟ ନାରାୟଣ ପାଣିଗ୍ରାହୀ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇ କୃତୀ ପ୍ରତିଯୋଗୀମାନଙ୍କ ନାମ ଘୋଷଣା କରିଥିଲେ । ସମସ୍ତ କୃତୀ ପ୍ରତିଯୋଗୀମାନେ ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ସ୍ଥାନୀୟ ମନୋହରପୁର ପଡିଆ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ପୁରସ୍କୃତ ହେବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି । ଏହି ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ପି.ପି. ଏକାଡେମୀର ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢ଼ୀଙ୍କ ସମେତ ସ୍କୁଲର ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ବିଶେଷ ସହଯୋଗ କରିଥିଲେ ।

# ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବନମହୋତ୍ସବ ପାଳିତ




ବସ୍ତା , ୧୨/୦୮ (ନି.ପ୍ର): ସାରା ଭାରତରେ ପାଳିତ ହେଉଥିବା ବନ ମହୋତ୍ସବ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅବସରରେ ଆଜି ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସର ରେ ଏକ ' ସବୁଜ ସଚେତନ ସଭା' ଓ ବୃକ୍ଷ ରୋପଣ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ଶ୍ରୀପତି ଚରଣ ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରୋଜେକ୍ଟ ପ୍ରସ୍ତୁତ କରିଥିଲେ। ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା ପ୍ରଦୂଷଣ ଦୂର କରି ପରିବେଶ ସ୍ୱଚ୍ଛ ରଖିବା ପାଇଁ ସବୁଜ ବଳୟ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଗୁରୁଜୀ ଓ ନମିତା ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପପ୍ରଧାନଚାର୍ଯା ରଞ୍ଜିତା ପାଢୀ ସଂଯୋଜନା ଓ ସରୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଧାର ପାଇଁ ସବୁ ଅନ୍ଧାର: ଆଦୌ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି 'ମାନକ'




ଉଦଳା , ୧୧/୦୮ (ନି.ପ୍ର):ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରାମହରି ହେମ୍ବ୍ରମ ଓ ମାତା ପାନ ହେମ୍ବ୍ରମଙ୍କ ଜ୍ୟେଷ୍ଠ କନ୍ୟା 'ମାନକ' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି । ମାନକଙ୍କର ବର୍ତମାନ ବୟସ ୭ ବର୍ଷ ଛୁଇଁଲାଣି । ତାଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସରକାରୀ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ବାବୁ ମାନେ ଆଡ଼ମିସନ ନକରି ଫେରାଇ ଦେଇଥିବାର କଥା ଉଭୟେ ଗ୍ରାମବାସି ଓ ଅଭିଭାବକ ଅଭିଯୋଗ କରିଛନ୍ତି । ଏହିଭଳି ବିଭିନ୍ନ କାରଣରୁ ବର୍ତମାନ ମଧ ବହୁ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । କିନ୍ତୁ ରାଜକୋଷରୁ ମୋଟା ଅଂକରେ ଦରମା ନେଉଥିବା ଓ ନିଜର ପିଲାକୁ ଘରୋଇ ବିଦ୍ୟାଳୟରେ ପାଠ ପଢ଼ାଉଥିବା ସରକାରୀ ବାବୁ ମାନେ ଆମ ଅଂଚଳରେ ଆଦୌ ଡ୍ରପ ଆଉଟ ନାହାଁନ୍ତି ବୋଲି ସଫେଇ ଦେବାରେ ବ୍ୟସ୍ତ ଅଛନ୍ତି ।

## ସର୍ପାଘାତରେ ନାବାଳକ ମୃତ

ନୀଳଗିରି, ୧୧/୦୮ (ନି.ପ୍ର): ଶୁକ୍ରବାର ସକାଳେ ଶୌଚ ହେବା ପାଇଁ ଘର ବାଡ଼ିକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା। ଘରେ ସାପ କାମୁଡି ଦେଇଥିଲା ବୋଲି କହିବା ପରେ ପରିବାର ଲୋକେ ବରହମପୁର ମେଡ଼ିକାଲକୁ ଅଣାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏପରି ଏକ ଘଟଣା ନିଳଗିରି ବ୍ଲକର ଛତ୍ରପୁର ପଞ୍ଚାୟତର କାଦୁଆଣି ଗ୍ରାମର ସୁରେନ୍ଦ୍ରପୁଥାଳ ର ନାବାଳକ ପୁତ୍ର ହରିଶ୍ ଚନ୍ଦ୍ର ୧୩ବର୍ଷ। ହରିଶ ଅଷ୍ଟମ ଶ୍ରେଣୀରେ ପଢୁଥିବା ସୂଚନା ମିଳିଛି। ଉକ୍ତ ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଶବବ୍ୟବଚ୍ଛେଦ ପାଇଁ ମର ଶରୀରକୁ ନିଳଗିରି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

### ବିଜେପିର ସାମ୍ବାଦିକ ସମ୍ମିଳନୀ

# ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ ହେଉନି

## ଶିଳ୍ପ ପ୍ରତିଷ୍ଠା ହେଉନଥିବାରୁ ଲୋକେ ଦାଦନ ଯାଉଛନ୍ତି



ବାରିପଦା , ୧୧/୦୮ (ନି.ପ୍ର): ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ମୟୁରଭଞ୍ଜ ଜିଲ୍ଲାବାସୀଙ୍କୁ ବିଭିନ୍ନ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଆଦିବନ୍ଧ ନିର୍ମାଣ, ଦୀର୍ଘ ବର୍ଷ ଧରି ବନ୍ଦ ପଡ଼ିଥିବା ମୟୁରଭଞ୍ଜ ଆୟୁର୍ବେଦିକ କଲେଜକୁ ସରକାରୀ ଭାବେ ଚାଲୁ କରିବା, ବାରିପଦା ସହର ବାସୀଙ୍କୁ ଜମ୍ବୀରା ନଦୀରୁ ପାନୀୟ ଜଳ ଯୋଗାଇ ଦେବା ଆଦି ଦାବୀ ପୂରଣ କରିନଥିବା ବେଳେ ଦୀର୍ଘ ୨୪ବର୍ଷର ଶାସନ କାଳରେ ଜିଲ୍ଲାରେ ଥିବା ନିକୋ କେବୁଲ କାରଖାନା, ସ୍ପିନିଂ ମିଲ ଇତ୍ୟାଦି ବନ୍ଦ ହେବା ଫଳରେ ବହୁ ଲୋକ ରୋଜଗାର ହରାଇଛନ୍ତି। ଜିଲ୍ଲା ରେ ନୂତନ ଶିଳ୍ପ ପ୍ରତିଷ୍ଠା ହୋଇ ନଥିବାରୁ ଜିଲ୍ଲା ରୁ ହଜାରହଜାର ଯୁବକ କାମନପାଇ ବାହାରକୁ ଦାଦନ ଖଟି ବାକୁ ଯାଉଛନ୍ତି। ଜିଲ୍ଲାରେ ହାତୀ ଉପଦ୍ରବରେ ବହୁ ଧନଜୀବନ ନଷ୍ଟ ହେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ସରକାର ବା ବିଭାଗ ପ୍ରୟାସ କରୁ ନଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ମୁଖ୍ୟମନ୍ତ୍ରୀ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ବିଧାୟକ ବା ମନ୍ତ୍ରୀ ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରି ନିଜବ୍ୟକ୍ତିଗତ ସଚିବଙ୍କୁ ଲୋକଙ୍କ ଅଭିଯୋଗ ପତ୍ର ନେବାକୁ ପଠାଉ ଥିବା ବେଶ ଲଜ୍ୟା ଜନକ ବିଷୟ ବୋଲି ଆଜି ବାରିପଦା ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପିର ରାଜ୍ୟ ସମ୍ପାଦକ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି। ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ବରିଷ୍ଠ ବିଜେପି ନେତା କବିବିଷ୍ଣୁ ଶତପଥି ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ଦଲିଲ ହଜିଛି

ଆମ୍ଭେ ଶ୍ରୀ ଚିତରଂଜନ ପ୍ରଧାନ, ପିତା-ସ୍ୱ ବୃନ୍ଦାବନ ପ୍ରଧାନ, ସା- ତଳିଆ, ଥାନା- କପ୍ତିପଦା, ଜି- ମୟୂରଭଂଜ ସମସ୍ତଙ୍କୁ ଅନୁରୋଧ ସହିତ ଜଣାଉଅଛିକି ଗତ ତା. ୨୦/୦୭/୨୦୨୩ ରିଖ ଦିନ କପ୍ତିପଦାରୁ ତଳିଆକୁ ଆସୁଥିବା ସମୟରେ ଆମ୍ଭର ଓରିଜିନାଲ ଦଲିଲ ନଂ- ୧୧୨୯୨୯୦୦୭୧୯ କେଉଁଠାରେ ହଜି ଯାଇଛି । ବହୁ ଖୋଜା ଖୋଜି କରିବା ପରେ ମଧ ଆମ୍ଭେ ତାହା ପାଉ ନାହୁଁ । ଯଦି କେହି ସହୃଦୟବାନ ବ୍ୟକ୍ତି ତାହା ପାଇଥାନ୍ତି , ଦୟାକରି ମୋବାଇଲ ନଂ- ୯୪୩୯୨୯୭୧୭୫ ନଂ ରେ ଜଣାଇଲେ ଆମ୍ଭେ ଉପକୃତ ହେବୁ ।

-ଚିତରଂଜନ ପ୍ରଧାନ

# ଖରିଫ ଋତୁ ୨୦୨୩ ଜିଲ୍ଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ଗଠିତ



ଖୋର୍ଦ୍ଧା, ୧୧/୦୮ (ନି.ପ୍ର): ଚଳିତ ଖରିଫ ଋତୁ ୨୦୨୩ ପାଇଁ ଖୋର୍ଧା ଜିଲ୍ଲା ସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲାପାଳ, ଖୋର୍ଧାଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଶ୍ରୀଯୁକ୍ତ କେ ସୁଦର୍ଶନ ଚକ୍ରବର୍ତୀ, ଓଇଏ,ଜିଲ୍ଲାପାଳ, ଖୋର୍ଧା ମହୋଦୟ ପୌରହିତ୍ୟ କରିଥିଲେ। ଏତଦ୍ବ୍ୟତୀତ ଡଃ ବାଦଲ କୁମାର ମହାନ୍ତି **Chief Development Officer-Cum Executive Officer, Khordha,** ଶ୍ରୀମତି ସ୍ମିତା ମହାନ୍ତି ଓ ଶ୍ରୀ ଦେବାଶୀଷ ମିଶ୍ର, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଶ୍ରୀ ଅମର ଚନ୍ଦ୍ର ଅଗ୍ରୱାଲ, ଜିଲ୍ଲାମୁଖ୍ୟ ବ୍ୟାଙ୍କ ଅଧିକାରୀ, ଶ୍ରୀ ପ୍ରସନ୍ନ କୁମାର ମିଶ୍ର ଓ ଶ୍ରୀ କଲ୍ୟାଣ ରାୟ, କୃଷି ଜିଲ୍ଲା ଅଧିକାରୀ ପ୍ରମୁଖଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଓ କୃଷି ବିଭାଗର ବ୍ଲକ ସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଉକ୍ତ ବୈଠକକୁ ଶ୍ରୀ ଯୁକ୍ତ ଶରତ କୁମାର ପରିଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଖୋର୍ଧା ପରିଚାଳନା କରିବା ସହିତ ବୈଠକର ସବିଶେଷ ବିବରଣୀ ଓ ଉଦ୍ଦେଶ୍ୟ ଅବଗତ କରାଇଥିଲେ। ବିଭିନ୍ନ ବିଭାଗୀୟ ଜିଲ୍ଲାମୁଖ୍ୟ ଅଧିକାରୀମାନେ ସେମାନଙ୍କ ଖରିଫ କାର୍ଯ୍ୟକ୍ରମର ଆଲୋଚନା କରିଥିଲେ । କୃଷି ବିଭାଗରେ ନିଆଯାଇଥିବା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଗଲା। ଖରିଫ ୨୦୨୩ରେ ୧୨୧୦୨୩ ହେକ୍ଟର ଜମିରେ ଚାଷ ହେବାର ଯୋଜନା କରାଯାଇଛି,ସେଥ୍ରେ କେବଳ ୧୦୩୨୦୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚଳିତବର୍ଷ ୬୩୪୦୦ ହେକ୍ଟର ଜମିରେ ବିଭିନ୍ନ ଉତ୍ସରୁ ଜଳସେଚନ ବ୍ୟବସ୍ଥା କରାଯାଇଛି। କୃଷକଙ୍କର ଆୟବୃଦ୍ଧି ପାଇଁ ୨୮୫୫ ହେକ୍ଟର ଜମିରେ ଧାନ ବଦଳରେ ଅଣଧାନ ଚାଷ କରିବାପାଇଁ ଯୋଜନା ହୋଇଛି। ଚଳିତ ଖରିଫ ଋତୁରେ ୮୮୩୦କ୍ୱିଣ୍ଟାଲ ଧାନ ଏବଂ ୪୧୫ କ୍ୱିଣ୍ଟାଲ ଅଣଧାନ ବିହନ ଯୋଗାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାରେ ଏବର୍ଷ ୧୦୦୦୦ ମାଟି ନମୁନା ପରୀକ୍ଷା କରିବା ପାଇଁ ସ୍ଥିର କରାଯାଇଛି। ରାସାୟନିକ ସାର ବ୍ୟବହାରକୁ ଗୁରୁତ୍ୱନେଇ ହେକ୍ଟର ପ୍ରତି ୮୯.୩୦ କେଜି ବ୍ୟବହାର ଲକ୍ଷରେ ୨୨୩୩୦ ମେଟ୍ରିକଟନ ରାସାୟନିକ ସାର ଯୋଗାଣର ବ୍ୟବସ୍ଥା କରାଯାଇଛି । ଏତଦ୍‌ବ୍ୟତିତ କୃଷିଯାନ୍ତିକୀକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ସମନ୍ୱିତ କୃଷି, କ୍ଷେତ ପୋଖରୀ, ଜୈବିକଚାଷ, ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ, ଓଡିଶା ମିଲେଟ୍ ମିଶନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଉକ୍ତ ଖରିଫ ଯୋଜନା କାର୍ଯ୍ୟକ୍ରମକୁ ଶ୍ରୀ ବିଭୁଦତ୍ତ ସାହୁ, ସହକାରୀ କୃଷି ନିର୍ଦ୍ଦେଶକ, ଶ୍ରୀ ତୁଷାରକାନ୍ତ ସାହୁ, ସହକାରୀ କୃଷି ଅଧିକାରୀ, ଶ୍ରୀମତି ସୀତାରତ୍ନମାଳା ଦାସ, ଯୋଜନା ଅଧିକାରୀ ପରିଚାଳନା କରିଥିଲେ।

i-302

OFFICE OF THE SORO BLOCKS OFFICE, SORO, BALASORE

Letter No. 1745 Date 10.08.2323

"e" Procurement Notice

BID Identification No. SORO- 01-2023-24.

Bid Documents consisting of work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government Website i.e. www.tendersodisha.gov.in

1. Name of the work : Construction of Civil Work as mentioned in DTCN.
2. No of works : 02 nos
3. Estimated Cost : As per Annexure
4. Period of Completion : 90 days
5. Date & Time of availablity of Bid Documents in the Portal : 14.08.23 at 10.00 A.M. to 28.08.23 up to 5.00 P.M.
6. Last date & time for receipt of bids in the portal : 28.08.23 upto 05.00 P.M.
7. Bids received online shall be opened on : 29.08.23 at 11.00 A.M.
8. Name and address of the Officer inviting Bid : Block Development Officer, Soro

Further details can be seen from the procurement portal i.e. www.tendersorissa.gov.in

OIPR: 19090/11/0002/2324

Block Development officer, SORO

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଫିରିଙ୍ଗିଆର ବିଦାୟୀ ....

ଗତ ଶନିବାର ଫିରିଙ୍ଗିଆ ଥାନାରେ ଘଟିଥିଲା ଲଙ୍କାକାଣ୍ଡ। ଲୋକେ ଥାନାରେ ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇଥିଲେ। ଏଥିରେ ଥାନାର ପ୍ରାୟ ୭୦ ପ୍ରତିଶତ ଭିତ୍ତିଭୂମି ନଷ୍ଟ ହୋଇଛି। ଥାନାରେ ଘଟିଥିବା ଏହି ହିଂସାକାଣ୍ଡ ପଛର କାରଣ ବି ଥିଲେ ଖୋଦ୍ ତତ୍‌କାଳୀନ ଆଇଆଇସି ତପନ ନାହାକ। ସେ ଓ ତାଙ୍କର ଦୁଇ ସହଯୋଗୀ ଗଞ୍ଜେଇ ଚାଲାଣରେ ସଂପୃକ୍ତ ଥିବା ଅଭିଯୋଗ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଫିରିଙ୍ଗିଆ ବ୍ଲକ ଛକ ନିକଟରେ ଲୋକେ ରାସ୍ତାରୋକ କରିଥିଲେ। ଲୋକେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିବା ପରେ ଫୁଲବାଣୀ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସେଠାରେ ପହଞ୍ଚିଥିଲେ। ସେ ବୁଝାସୁଝା କରିବାକୁ ପ୍ରୟାସ କଲା ବେଳେ ଉତ୍ତ୍ୟକ୍ତ ଲୋକେ ପୁଲିସ୍‌କୁ ଠେଲାପେଲା କରିଥିଲେ। ପରେ ଏସ୍‌ଡିପିଓଙ୍କ ସମେତ ଅନ୍ୟ ପୁଲିସ୍ କର୍ମଚାରୀଙ୍କୁ ଲୋକେ ଆକ୍ରମଣ କରିଥିଲେ। ଶହ ଶହ ଲୋକ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ସେଠାରୁ ପ୍ରାୟ ୫୦୦ ମିଟର ଦୂର ଫିରିଙ୍ଗିଆ ଥାନା ପର୍ଯ୍ୟନ୍ତ ଆସିଥିଲେ। ଏହି ସମୟରେ ଲୋକେ ଏସ୍‌ଡିପିଓଙ୍କୁ ନିସ୍ତୁକ ମାଡ଼ ପିଟିଥିଲେ।

## ନକ୍ସଲ ହମଲା...

ଜାନୁଆରୀ ମାସରେ ପ୍ରାଣ ହରାଇଥିଲେ ତାଙ୍କ ବଡ଼ଭାଇ। ତାଙ୍କ ବଡ଼ଭାଇ ଜାମସେଦପୁରରେ ଚାକିରି କରୁଥିଲେ। ଏବେ ସୁଶାନ୍ତଙ୍କ ପରିବାର ଲୋକ କହିଲେ ତାଙ୍କ ମା', ପତ୍ନୀ, ବଡ଼ ଭାଉଜ ଓ ବଡ଼ଭାଇଙ୍କ ପୁଅ। ସୁଶାନ୍ତଙ୍କ ମା' ଅସୁସ୍ଥ ହୋଇ ଭୁବନେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି। ଚିକିତ୍ସାଧୀନ ମା'ଙ୍କ ପାଖରେ ଅଛନ୍ତି ସୁଶାନ୍ତଙ୍କର ଜଣେ ଭଉଣୀ। ଗତ ଜୁନ୍ ୨ ତାରିଖରେ ବିବାହ କରିଥିଲେ ସହିଦ ସୁଶାନ୍ତ। ଏଏନ୍ ?ଏମ୍ ଚାକିରି କରୁଥିବା ସୁଶାନ୍ତଙ୍କ ପତ୍ନୀ ତେଲକୋଇରେ ରହନ୍ତି। ସୂଚନାଯୋଗ୍ୟ, ସୁଶାନ୍ତ ୨୦୧୧ରେ ସିଆରପିଏଫ୍‌ରେ ଯୋଗ ଦେଇଥିଲେ।

## ଆତ୍ମହତ୍ୟା କରିଛନ୍ତି ...

ଶୁଭଲକ୍ଷ୍ମୀଙ୍କ କଲ୍ ଡିଟେଲସ ରେକର୍ଡ ବା ସିଡିଆର ପାଇଛୁ। ହେଲେ ସେଭଳି କିଛି ସନ୍ଦିଗ୍ଧ ତଥ୍ୟ ସେଥିରୁ ମିଳିନି। ସେ କହିଛନ୍ତି, ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲେ ବି କାରଣ ଅସ୍ପଷ୍ଟ ରହିଛି। ତାଙ୍କ ମାନସିକ ସ୍ଥିତି ଜାଣିବାକୁ ପରିବାର, ପରିଜନ ଲୋକଙ୍କୁ ପଚରାଉଚରା କରୁଛୁ। କୁହାଯାଉଥିବା ଭାଇରାଲ ଭିଡିଓ ପୁଲିସ ହାତରେ ଲାଗିନାହିଁ। ସେମିତି କିଛି ଭିଡିଓ ଆସିଲେ ଆମେ ତର୍ଜମା କରିବୁ। ଆତ୍ମହତ୍ୟା ସହ ଭିଡିଓର କିଛି ସଂପର୍କ ଅଛି କି ନାହିଁ ପରଖିବୁ। ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ ପଛରେ କାହାର ହାତ ଅଛି କି ନାହିଁ ତଦନ୍ତ କରାଯାଉଛି। ଏହି ଘଟଣାରେ ଯାହାର ନାମ ସାମ୍ନାକୁ ଆସୁଛି, ତାକୁ ଆମେ ପଚରାଉରା କରୁଛୁ। ଆଗକୁ ତଦନ୍ତ ଜାରି ରହିବ ବୋଲି ଡିସିପି କହିଛନ୍ତି। ଅନ୍ୟପକ୍ଷରେ ଶୁଭଲକ୍ଷ୍ମୀଙ୍କ ଆତ୍ମହତ୍ୟା ମାମଲାରେ ଉଦବେଗ ପ୍ରକାଶ କରିଛନ୍ତି ରାଜ୍ୟ ମହିଳା କମିଶନ ଅଧକ୍ଷା। ଘଟଣାକୁ ଗୁରୁତର ସହ ନେବା ସହ ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏହାସହ ମହିଳା କମିଶନ ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୧୫ ଦିନ ଭିତରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଶନିବାର ଦିନ ହୋଟେଲ ରୁମ ଭିତରୁ ଶୁଭଲକ୍ଷ୍ମୀଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଶୁଭଲକ୍ଷ୍ମୀ ଶୁକ୍ରବାର ରାତି ପ୍ରାୟ ୩ଟା ୨୦ରେ ହୋଟେଲକୁ ଆସିଥିଲେ। ସେ ୨୦୫ ନମ୍ବର ରୁମ୍ ବୁକ୍ କରି ସେଠାରେ ବିଶ୍ରାମ ନେବାକୁ ଯାଇଥିଲେ। କିନ୍ତୁ ଶନିବାର ସକାଳେ କି ମଧ୍ୟାହ୍ନ ସମୟରେ କବାଟ ନ ଖୋଲିବାରୁ ସନ୍ଦେହ ବଢ଼ିଥିଲା। ଏହାପରେ ହୋଟେଲ କର୍ମଚାରୀ ପୁଲିସ୍ ?କୁ ଖବର ଦେଇଥିଲେ। ପୁଲିସ ଆସି ରୁମର କବାଟ ଭାଙ୍ଗିବା ପରେ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଥିବା ଶୁଭଲକ୍ଷ୍ମୀଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା।

## ରାଜଧାନୀରେ....

ବିଶେଷ ଭାବେ ଅପହଞ୍ଚ ଜଳ ଉତ୍ସଗୁଡିକରେ ଏହି ଔଷଧ ସ୍ପ୍ରେ କରାଯିବ। ଡେଙ୍ଗୁ ପାଇଁ ବିଏମ୍‌ସି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ କରାଯାଉଛି। ଗତବର୍ଷ ମଧ ବିଏମସି ପକ୍ଷରୁ କିଛି ସ୍ଥାନରେ ଡ୍ରୋନ ବ୍ୟବହାର କରାଯାଇ ଔଷଧ ସ୍ପ୍ରେ କରାଯାଇଥିଲା। ସେହିପରି ସାପ୍ତାହିକ ଡ୍ରାଏ ଡେ ସମେତ ଅଗଷ୍ଟ ୧୫ରୁ ଅମାନିଆଙ୍କଠୁ ଜରିମାନା ଆଦାୟ କରିବ ବିଏମସି। ଯେଉଁମାନଙ୍କ ଘରେ କିମ୍ବା ଘର ଆଖପାଖରେ ମଶା ଲାର୍ଭା ଉତ୍ପତ୍ତି ହେଉଛି ତାକୁ ସଫା ନକଲେ ଫାଇନ ଆଦାୟ କରିବ ବିଏମସି। ଏହାସହ ବ୍ୟବସାୟିକ ପ୍ରତିଷ୍ଠାନ, ଅଫିସ ଆଦି କୋଠାରେ ଡେଙ୍ଗୁ ମଶା ବଂଶବୃଦ୍ଧି ପାଇଁ ପରିବେଶ ଥାଏ ତାହାହେଲେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ କରିବ ବିଏମସି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଜନସାଧାରଣ ମଶା ବଂଶ ବୃଦ୍ଧି ରୋକିବାରେ ସହଯୋଗ କରିବାକୁ ଅନୁରୋଧ କରିଛି ବିଏମସି।

## ମୋଦିଙ୍କ ଲୋକସଭା ...

ବିରୋଧୀ ୨୦୨୮ରେ ପୁଣି କେନ୍ଦ୍ର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବେ ବୋଲି ଗତକାଲି ପ୍ରଧାନମନ୍ତ୍ରୀ ମୋଦି ତାଚ୍ଛଲ୍ୟ କରି କହିଥିଲେ। ଏହା ଉପରେ ଜବାବ ରଖି ରାହୁଲ ଗାନ୍ଧି କହିଛନ୍ତି, "୨୦୨୪ରେ ପ୍ରଧାନମନ୍ତ୍ରୀ ମୋଦି ପୁଣି ପ୍ରଧାନମନ୍ତ୍ରୀ ହେବେ, ତା' ଏଠାରେ ପ୍ରଶ୍ନ ନୁହେଁ। ଏଠାର ବଡ଼ ପ୍ରଶ୍ନ ହେଉଛି ମଣିପୁର, ଯେଉଁଠାରେ ଶିଶୁ ଓ ଲୋକ ପ୍ରାଣ ହରାଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଭାଷଣ ଭାରତ ଉପରେ ନଥିଲା। ଏହା ନରେନ୍ଦ୍ର ମୋଦିଙ୍କ ଉପରେ ରହିଥିଲା। ସେ ନିଜର ଲକ୍ଷ୍ୟ, ରାଜନୀତି ଓ ସ୍ୱପ୍ନ କଥା କହିଛନ୍ତି। ସେ ୨୦୨୪ରେ ପ୍ରଧାନମନ୍ତ୍ରୀ ହେବେ କି ନାହିଁ, ତା' ବଡ଼ ପ୍ରଶ୍ନ ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲେ ମଣିପୁର ଜଳୁଛି। ପ୍ରଧାନମନ୍ତ୍ରୀ ଅତି କମରେ ମଣିପୁର ଯାଆନ୍ତୁ ଓ ସେଠାରେ ବିଭିନ୍ନ ସଂପ୍ରଦାୟର ଲୋକଙ୍କ ସହ କଥା ହୁଅନ୍ତୁ। ସେମାନଙ୍କୁ କୁହନ୍ତୁ ଯେ 'ମୁଁ ଆପଣଙ୍କ ପ୍ରଧାନମନ୍ତ୍ରୀ'। କଥାବାର୍ତ୍ତା ଆରମ୍ଭ କରାଯାଉ। କିନ୍ତୁ ଏଥିପ୍ରତି ତାଙ୍କର ଆଗ୍ରହ ଥିବା ମୁଁ ଦେଖୁନି।" ପ୍ରଧାନମନ୍ତ୍ରୀ ନିଜ ହାତରେ ଅନେକ ପ୍ରକାରର ବିକଳ୍ପ ରଖିଛନ୍ତି। କିନ୍ତୁ ହିଂସାକୁ ଶେଷ କରିବା ପାଇଁ ସେ ସେଗୁଡ଼ିକୁ ବ୍ୟବହାର କରୁ ନଥିବା ରାହୁଲ କହିଛନ୍ତି। ସେ କହିଛନ୍ତି, "ମଣିପୁରରେ କୌଣସି ଆଲୋଚନା ହୋଇନି। ରାଜ୍ୟରେ ହିଂସା ସାଂଘାତିକ ରୂପ ନେଇଛି। ପ୍ରଥମ କାମ ହେଲା ହିଂସାକୁ ରୋକିବା ଓ ଏଥିରେ ସବୁଦିନ ପାଇଁ ବିରାମ ଲଗାଇବା। ସେ(ପ୍ରଧାନମନ୍ତ୍ରୀ) କିଛି ବି କରୁ ନାହାନ୍ତି ଓ ସେ କେବଳ ହସୁଛନ୍ତି।" ସଂସଦରୁ ଜଣଙ୍କ ପରେ ଜଣେ ବିରୋଧୀ ସାଂସଦଙ୍କୁ ନିଲମ୍ବିତ କରିବା ପ୍ରଶ୍ନରେ ରାହୁଲ ଗାନ୍ଧି କହିଛନ୍ତି, " ସରକାର ଯଦି ସାଂସଦମାନଙ୍କୁ ନିଲମ୍ବିତ ବି କରନ୍ତି, ତଥାପି ଆମର କାମ ବଦଳିବ ନାହିଁ। ଆମର ପ୍ରମୁଖ କାମ ହେଲା ମଣିପୁରରେ ହିଂସା ରୋକିବା।"

## ହେଟସ୍ପିଚ୍‌କୁ ନେଇ ....

କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକ ସଂଖ୍ୟାଲଘୁ ସଂପ୍ରଦାୟ ବିରୋଧରେ ଘୃଣା ସୃଷ୍ଟିକାରୀ ବୟାନ ଦେଉଛନ୍ତି। ବିଶେଷ କରି ହରିଆଣାର ନୁହ୍‌ରେ ଦେଖାଯାଇଥିବା ସାଂପ୍ରଦାୟିକ ହିଂସାର ସେ ଉଦାହରଣ ଦେଇଥିଲେ। ସେଠାରେ ସଂଖ୍ୟାଲଘୁମାନଙ୍କୁ ଆର୍ଥିକ ଓ ବ୍ୟବସାୟିକସ୍ତରରେ ବୟକଟ କରିବାକୁ ଅଭିଯାନ ଆରମ୍ଭ ହୋଇଥିବା ଅଭିଯୋଗ କରି ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଏସଭିଏନନ ଭାଟ୍ଟି ଏହାର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, "ଦୁଇ ସଂପ୍ରଦାୟ ମଧ୍ୟରେ ସଦଭାବ ଓ ଶିଷ୍ଟାଚାର ରହିବା ଉଚିତ। ସବୁ ସଂପ୍ରଦାୟର ଲୋକ ଏହାକୁ ପାଳନ କରିବା ଦରକାର। ହେଟସ୍ପିଚର ସମସ୍ୟା ଆଦୌ ଭଲ ନୁହେଁ। ଏହାକୁ କେହି ବି ଗ୍ରହଣ କରିବେ ନାହିଁ। ହେଟସ୍ପିଚ ଆଦୌ ଗ୍ରହଣୀୟ ନୁହେଁ।" ଅତିରିକ୍ତ ସଲିସିଟର ଜେନେରାଲ କେଏମ ନଟରାଜ ଗଠନ ହେବାକୁ ଥିବା କମିଟି ସମ୍ପର୍କରେ ଜବାବ ଅଗଷ୍ଟ ୧୮ ସୁଦ୍ଧା ରଖିବେ। ଏଥିସହ ଆବେଦନକାରୀଙ୍କୁ ହେଟସ୍ପିଚ ସଂକ୍ରାନ୍ତ ଭିଡିଓ ଓ ଅନ୍ୟାନ୍ୟ ପ୍ରମାଣ ଏକାଠି କରି ନୋଡାଲ ଅଧିକାରୀଙ୍କୁ ଦେବାକୁ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ ଖାନ୍ନା ଶୁଣାଣି ବେଳେ କହିଛନ୍ତି, ସୁପ୍ରିମକୋର୍ଟ ଦରକାର ପଡ଼ିଲେ ପୁଲିସ୍ ମୁଖ୍ୟଙ୍କୁ କମିଟି ଗଠନ କରିବାକୁ କହିବେ। ଏହି କମିଟି ବିଭିନ୍ନ ଥାନାକୁ ଆସୁଥିବା ହେଟସ୍ପିଚ ସଂକ୍ରାନ୍ତ ଅଭିଯୋଗର ତଦନ୍ତ କରିବ ବୋଲି ସେ କହିଛନ୍ତି।

## ଦୀପିକାଙ୍କ ପୁଅର....

ନିର୍ଦ୍ଦେଶକ୍ରମେ ଦୀପିକା, କେ. ଦିନେଶ ଓ ତାଙ୍କ ପୁଅର ସାମ୍ପୁଲ ରାଜ୍ୟ ଫୋରେସିକ୍ ଲାବକୁ ପଠାଯାଇଥିଲା। ରାଜ୍ୟ ଫୋରେସିକ୍ ଲ୍ୟାବ ଗତବର୍ଷ ଏହି ଡିଏନଏ ଟେଷ୍ଟ ରିପୋର୍ଟ ଦେଇଥିଲେ। ପରେ ଏହାକୁ କୋର୍ଟରେ ଦାଖଲ କରାଯାଇଥିଲା। ଗତକାଲି ଏହି ରିପୋର୍ଟର ଏକ କପି ଦୀପିକା ନେଇଥିବା ବ୍ରହ୍ମପୁର ଏସ୍ ?ପି ସୂଚନା ଦେଇଛନ୍ତି। ତେବେ ଏ ନେଇ ଦୀପିକା ପ୍ରେମିକଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ପୁଅକୁ ବାପାର ହକ ଓ ବୋହୂର ମାନ୍ୟତା ଦାବିରେ ଗତବର୍ଷ ପ୍ରାୟ ୬ ମାସ କାଳ ପ୍ରେମିକର ଘର ଆଗରେ ଧାରଣାରେ ବସିଥିଲେ ଦୀପିକା। ନ୍ୟାୟ ମିଳିବା ଆଶାରେ ଧାରଣାରୁ ଉଠିଯାଇଥିଲେ। ପୁଣି ଦୁଇ ଦିନ ହେବ ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଛନ୍ତି ଦୀପିକା। ନ୍ୟାୟ ମିଳିବା ବିଳମ୍ବିତ ହେଉଥିବା ଯୋଗୁ ସେ ବାଧ ହୋଇ ପୁଣି ଧାରଣାରେ ବସିଥିବା କହିଛନ୍ତି। ଏବେ ଦୀପିକାଙ୍କ କେସ ହାଇକୋର୍ଟରେ ବିଚାରାଧୀନ ରହିଛି।

## ପୂର୍ବତନ ବିଧାୟକ ....

ତା'ସହିତ ୫୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜୋରିମାନା ଅର୍ଥ ନଦେଲେ ତାଙ୍କୁ ଆଉ ୬ ମାସ ଜେଲରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରମାଣ ନଷ୍ଟ ପାଇଁ ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜୋରିମାନା ଦେବାକୁ କହିଥିଲେ କୋର୍ଟ। ଏହି ଜୋରିମାନା ଅର୍ଥ ନଦେଇ ପାରିଲେ ତାଙ୍କୁ ଆଉ ୩ ମାସ ଜେଲ୍‌ରେ ରଖିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୧୯୯୦ରେ ରାମମୂର୍ତ୍ତି ଗମାଙ୍ଗ ଜନତା ଦଳ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ପରେ ୨୦୦୦ ମସିହାରେ ବିଜେପି ଟିକେଟରେ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

ଧ୍ୱନି ପ୍ରତିଧ୍ୱନି






ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ପ୍ରକାଶିତ ପୀତାମ୍ବର ଦାସଙ୍କ ଗଳ୍ପ ପୁସ୍ତକ 'ସାଗର କଇଁ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ।

## ଫାଶୀ ଦେଇ ମହିଳା ମୃତ: ହତ୍ୟା ଅଭିଯୋଗ

ବସ୍ତା, ୧୨/୦୮ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜହତା କୂଳ ଗ୍ରାମରେ ଗୁରୁବାର ରାତିରେ ଜଣେ ମହିଳା ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଶାଶୂଘର ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ବାପଘର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି କ୍ଷମୃତ ମହିଳା ହେଲେ ଏହି ଗ୍ରାମର ବିଜୟ ନାୟକଙ୍କ ପତ୍ନୀ ହରପ୍ରିୟା (୨୨) । ରାତିରେ ଖାଇ ସାରି ସମସ୍ତେ ଶୋଇଥିଲେ । ହେଲେ ଭୋର ମହିଳା ଜଣକ ଘରେ ବେକରେ ଶାଢ଼ୀ ବାନ୍ଧି ଫାଶୀ ହୋଇଥିବାର ପରିବାର ଲୋକେ ଦେଖିଥିଲେ । ମହିଳା ଜଣକ ବଞ୍ଚିଥିବା ଭାବି ଶାଶୂଘର ଲୋକେ ବେକରୁ ଶାଢ଼ୀ ଖୋଲି ରୂପସା ମେଡ଼ିକାଲ ନେଉଥିଲେ । ଖବର ପାଇ ମୃତ ମହିଳାଙ୍କ ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ହରପ୍ରିୟାକୁ ଶାଶୂଘର ଲୋକେ ହତ୍ୟା କରିଥିବା ନେଇ ତାଙ୍କ ମାଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ରୂପସା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ମୃତଦେହ ଜବତ କରି ପୋଲିସ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ୨୦୧୮ ମସିହାରେ ରୂପସା ଥାନା ଆଗୁରଗୋହିରା ଗ୍ରାମର ରାମଚନ୍ଦ୍ର ମନ୍ତ୍ରୀଙ୍କ ଏକ ମାତ୍ର କନ୍ୟା ହରପ୍ରିୟାଙ୍କ ସହ ବିଜୟ ଙ୍କର ବୈଦିକ ରୀତି ଅନୁଯାୟୀ ବାହାଘର ହୋଇଥିଲା । ତାଙ୍କର ଜଣେ ୪ ବର୍ଷର ଶିଶୁକନ୍ୟା ଅଛି ।

## ୧୬ରୁ ସମୂହ ଛୁଟିରେ ରହିବେ ସବୁବର୍ଗର ପ୍ରାଥମିକ ଶିକ୍ଷକ: ବିଦ୍ୟାଳୟରେ ପାଠପଢ଼ା ଠପ୍




ଭଦ୍ରକ, ୧୨/୦୮ (ନି.ପ୍ର): ଭଦ୍ରକ ଜିଲ୍ଲାର ସବୁ ବର୍ଗର ପ୍ରାଥମିକ ଶିକ୍ଷକମାନେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ ଆନୁକୂଲ୍ୟରେ ଏକତ୍ରିତ ହୋଇ ୩ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କର ଠିକା ସମୟ ୬ ବର୍ଷକୁ ଚାକିରିରେ ସାମିଲ କରି ୬ଟି ଇନ୍କ୍ରିମେଣ୍ଟ ଦେବା, ଏକ୍ସ କ୍ୟାଡ଼ର ଶିକ୍ଷକଙ୍କୁ ଏଲିମେଣ୍ଟାରୀ କ୍ୟାଡ଼ରଭୁକ୍ତ କରିବା ଏବଂ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ଦାବି କରାଯାଇଛି। ଦ୍ୱିତୀୟତଃ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ବେତନ ଏବଂ ପୁରୁଣା ପେନ୍ସନ୍ ନୀତିର ପୁନଃ ପ୍ରଚଳନ ଦାବିରେ ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ୩ ଦଫା ଦାବି ପୂରଣ ନିମନ୍ତେ ଗତ ନଭେମ୍ବର ମାସରେ ଭୁବନେଶ୍ୱରରେ ୪ ଦିନ ଧରି ଲକ୍ଷାଧିକ ଶିକ୍ଷକ ଧାରଣା ଦେଇଥିଲେ। ସରକାରଙ୍କର ମୁଖ୍ୟ ଶାସନ ସଚିବ ମହୋଦୟ ଲିଖିତ ପ୍ରତିଶୃତି ଦେବା ପରେ ମଧ ଶିକ୍ଷକମାନଙ୍କର ଦାବି ପୂରଣ ହେଲା ନାହିଁ। ଉଚ୍ଚସ୍ତରୀୟ କମିଟି, ମନ୍ତ୍ରୀ ସ୍ତରୀୟ କମିଟି ଆଳରେ ୮ମାସ ବିତିଗଲାଣି କିନ୍ତୁ, ଶିକ୍ଷକଙ୍କ ସମସ୍ୟା ସମାଧାନ ହୋଇ ପାରିଲା ନାହିଁ। ଏଥର ଶିକ୍ଷକମାନେ ସରକାରଙ୍କର ଠକାମିର ଶିକାର ନହେବା ପାଇଁ ସବୁବର୍ଗର ଶିକ୍ଷକ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ଆସନ୍ତା ୧୬ ଅଗଷ୍ଟରୁ ସମୂହ ଛୁଟି ନେବାକୁ ନିଷ୍ପତି ଗ୍ରହଣ କରିଛନ୍ତି। ଏହା ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷା ବ୍ୟବସ୍ଥା ଠପ୍ ହେବା ସହ ମଧାହ୍ନ ଭୋଜନ ବଣ୍ଟନ ମଧ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିଛି। ଆଜିର ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ନେତା ବାବୁଲା ରାଉତ, ସମୀର ଜେନା, ଚାରୁଲତା ମହପାାତ୍ର, ପ୍ରଶାନ୍ତ ବାରିକ, ରାଜେଶ ଦାସ, ଅରବିନ୍ଦ ଦୀକ୍ଷିତ, ପ୍ରଣୟ ମହାପାତ୍ର, ତବରେଜ ଖାନ୍, ପ୍ରମୋଦ କର, ନିଳାଦ୍ରୀ ତ୍ରିପାଠୀ, ରୂପକ ମିଶ୍ର, ବସନ୍ତ ଯେନା, ଗୟାଧର ଦାସ, ପ୍ରକାଶ ନାୟକ, ବିମଳ ଦାସ, ସନାତନ ଦାସ, ରାଧାଶ୍ୟାମ ବାରିକ, ଗିରିଧାରୀ ଚାନ୍ଦ, ଅରୁଣ ମଳିକ, ରମାକାନ୍ତ ଦାସ, ପ୍ରଭାସ ପଣ୍ଡା, ଧର୍ମେନ୍ଦ୍ର ଯେନା, ଅବଦୁଲ ରବ୍, ରଞ୍ଜନ ମହାନ୍ତି, ସନ୍ତୋଷ ଲେଙ୍କା, ମୁକ୍ତିକାନ୍ତ ପରିଡ଼ା, ସୁପ୍ରୀତି ଖୁଣ୍ଟିଆ, ପ୍ରଶାନ୍ତ ବେହେରା, ରୂପେଶ ସାହୁ, ଆଶିଷ କୁମାର ସାହୁ, ଚନ୍ଦ୍ରକାନ୍ତ ଶୁକ୍ଳ ପ୍ରମୁଖ ଦାବି ପୂରଣ ନିମନ୍ତେ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି।

## ବରହମପୁର ବାସନ୍ତୀବଜାର ଜବରଦଖଲ ଉଚ୍ଛେଦ: ଘଟଣାସ୍ଥଳରେ ଉତ୍ତେଜନା



ନୀଳଗିରି, ୧୨/୦୮ (ନି.ପ୍ର): ନୀଳଗିରି ତହସିଲ ବରହମପୁର ଆର ଆଇ ସର୍କଲ ଅଧୀନସ୍ଥ ବରହମପୁର ବାସନ୍ତୀବଜାରରେ ସରକାରୀ ଜମିକୁ ଜବରଦଖଲ କରି ଦୋକାନ କରିଥିବା ଘରକୁ ପ୍ରଶାସନ ଉଚ୍ଛେଦ କରିଛି। ରାଜ୍ୟ ରାଜପଥ ୧୯ର ଗୁହିରାଛକ ଠାରୁ ବଣସୀମା ଅଞ୍ଚଳର ପ୍ରାଣକେନ୍ଦ୍ର କୁହାଯାଉଥିବା ବରହମପୁର ବଜାର ଦେଇ ନୂତନ ରାସ୍ତାର ସଂପ୍ରସାରଣ ପାଇଁ ବଜାର ସ୍ଥିତ ଜବରଦଖଲକାରି ଦୋକାନୀ ମାନଙ୍କୁ ହଟିଯିବା ପାଇଁ ପ୍ରଶାସନ ତରଫରୁ ସୂଚନା ଦିଆଯାଇଥିଲା। କିଛି ଅମାନିଆ ଦୋକାନୀଙ୍କ ପାଇଁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଶୁକ୍ରବାର ପୂର୍ବାହ୍ନରେ ପ୍ରଶାସନ ତରଫରୁ ପୋଲିସ ଫୋର୍ସ ମୁତୟନ କରାଯାଇ ଦୁଇଟି ବୁଲଡୋଜର ସାହାଯ୍ୟରେ ଅତିକ୍ରମଣ କରିଥିବା ଦୋକାନ ଗୃହଗୁଡ଼ିକ ଭାଙ୍ଗି ଦିଆଯାଇଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନୀଳଗିରି ତହସିଲଦାର ରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର, ବରହମପୁର ଆର. ଆଇ ସମେତ ବିଭିନ୍ନ ସର୍କଲର ଆର. ଆଇ ଓ ଅନ୍ୟାନ୍ୟ କର୍ମଚାରୀ ସହିତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ତେବେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ବିନ୍ଧାଣୀ ଛକଠାରେ ଭୋଗଦିଆ ଗ୍ରାମର ଖତୁ ବେହେରାଙ୍କ ସ୍ତ୍ରୀ ମାମିନୀ ବେହେରା (୪୨)ବଜାରକୁ ଯାଉଥିବା ଅବସ୍ଥାରେ ଜବର ଦଖଲ ଉଚ୍ଛେଦ କରୁଥିବା ଜେସିବି ଚକା ତଳେ ପଡ଼ିଯିବା ଯୋଗୁଁ ତାଙ୍କ ଡ଼ାହାଣ ପାଦ ଉପରେ ଚକା ଚଢ଼ି ଯାଇଥିଲା। ତୁରନ୍ତ ମହିଳା ଜଣଙ୍କୁ ବରହମପୁର ମେଡିକାଲକୁ ନିଆଯାଇ ଚିକିତ୍ସା କରାଯାଇଛି। ଅବସ୍ଥା ଗୁରୁତର ହେବାରୁ ମହିଳା ଜଣକୁ ଭୁବନେଶ୍ୱର ସ୍ଥିତ ଆମ୍ରି ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। କ୍ର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ଉଚ୍ଛେଦ ସମୟରେ ପୋଲିସ କର୍ଡନ ଭାଙ୍ଗି ମହିଳା ଜଣକ କିପରି ଜେସବି ପାଖରେ ପହଞ୍ଚିଲେ। ଯାହାଫଳରେ ଏତେବଡ ଦୁର୍ଘଟଣା ଘଟିଗଲା। ଏଥିପାଇଁ ପ୍ରଶାସନର ଅବହେଳାକୁ ଜନସାଧାରଣ ଦାୟୀ କରିଛନ୍ତି।

## ବିଶ୍ୱବିଦ୍ୟାଳୟରେ ବିଶ୍ୱ ମୂଳନିବାସୀ ଦିବସ ସମନ୍ଧୀୟ ଆଲୋଚନା ଚକ୍ର

ବାରିପଦା, ୧୨/୦୮ (ନି.ପ୍ର): ଆନ୍ତର୍ଜାତୀୟ ବିଶ୍ୱ ମୂଳନିବାସୀ ଦିବସ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗରେ ବିଶ୍ୱ ମୂଳନିବାସୀ ଦିବସ ସନ୍ଦର୍ଭରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ଆସୋସିଏଟ୍ ପ୍ରଫେସର ଡ଼ ମୋନାଲି ଗୋସ୍ୱାମୀ ସହକାରୀ ପ୍ରଫେସର ଡ଼. ପ୍ରିୟଙ୍କା ଦାସ ଯୋଗଦେଇ ଆନ୍ତର୍ଜାତୀୟ ବିଶ୍ୱ ମୂଳନିବାସୀ ଦିବସ ୨୦୨୩ ର ଧେୟ ପ୍ରସଙ୍ଗ ସମ୍ପର୍କରେ ବିଶ୍ଲେଷଣାତ୍ମକ ଆଲୋଚନା କରିବା ସହ ଜନଜାତି ଯୁବ ସମାଜ କିପରି ସ୍ୱନିର୍ଣ୍ଣୟ ନିମନ୍ତେ ପରିବର୍ତ୍ତନର ପ୍ରତିନିଧି ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରସଙ୍ଗରେ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଏହି ଅବସର ରେ ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ସମସ୍ତ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଛନ୍ତି ।

## ଏଏମ୍/ଏନ୍ଏସ୍ ଇଣ୍ଡିଆର ବନ୍ୟାଚଂଳରେ ରିଲିଫ୍ ସାମଗ୍ରୀ ପ୍ରଦାନ




ପାରାଦ୍ୱୀପ, ୧୧/୦୮ (ନି.ପ୍ର): ଆର୍ସେଲରମିତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ଚଳିତ ପ୍ରଥମ ବନ୍ୟାରେ କ୍ଷୟକ୍ଷତି ହେଇଥିବା ବନ୍ୟାଚଂଳ ପୀଡିତ ମାନଙ୍କ ପାଇଁ ସାହାଯ୍ୟର ହାତ ବଢ଼ାଇଛି । ଏଥିପାଇଁ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ପ୍ରଶାସନକୁ ଗ୍ରାମାଚଂଳରେ ବିତରଣ ନିମନ୍ତେ ରିଲିଫ୍ ସାମଗ୍ରୀ ପ୍ରଦାନ କରିଛି । କୁଜଙ୍ଗ ଜିଲ୍ଲାରେ ବନ୍ୟା ଯୋଗୁଁ ଜନଜୀବନ, ପଶୁସମ୍ପଦ ଓ ଧନ ସମ୍ପତି ପ୍ରଚୁର ମାତ୍ରାରେ କ୍ଷୟକ୍ଷତି ହେଇଛି । ନିଜର ସାମାଜିକ ଦାୟିତ୍ ଅଧିନରେ ଏଏମ୍/ଏନ୍ଏସ୍ ଇଣ୍ଡିଆ କୁଜଙ୍ଗ ବ୍ଲକ୍ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଏହି ରିଲିଫ୍ ସାମଗ୍ରୀ ପ୍ରଦାନ କରିଛନ୍ତି । ଏହି ଅବସରରେ ଆଡିସ୍ନାଲ୍ ବ୍ଲକ୍ ଡେଭଲପ୍ମେନ୍ଟ ଅଫିସର ଜ୍ଞାନନନ୍ଦ ନାୟକ, କୁଜଙ୍ଗ ବ୍ଲକ୍ ଡେଭଲପ୍ମେନ୍ଟ ଆକାଉନ୍ଟସ୍ ଅଫିସର ବସନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ । ଏହି ସାମଗ୍ରୀ ମଧ୍ୟରେ ବିସ୍କୁଟ ପ୍ୟାକେଟ, ଶିଶୁ ଖାଦ୍ୟ, ସାନିଟାରୀ ନ୍ୟାପକିନ ଏବଂ ପଶୁ ଖାଦ୍ୟ ଆଦି ରହିଛି ଯାହା ଲୋକମାନଙ୍କ ଜରୁରୀ ଆବଶ୍ୟକତାକୁ ପୁରଣ କରିବ ସହ ପଶୁ ପକ୍ଷୀ ମାନଙ୍କ ଖାଦ୍ୟର ଆବଶ୍ୟକତାକୁ ପୁରଣ କରବ। ଏଏମ୍/ଏନ୍ଏସ୍ ଇଣ୍ଡିଆର ଏହି ମହତ୍ କାର୍ଯ୍ୟକୁ ପ୍ରଶଂସା କରି ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି , ଏହି ସାମଗ୍ରୀ ସରକାର ସଠିକ୍ ସମୟରେ ଲୋକଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିବାର ପଦକ୍ଷେପରେ ସହାୟକ ହେବ । ଏଏମ୍/ଏନ୍ଏସ୍ ଇଣ୍ଡିଆର ସିଏସ୍ଆର ମୁଖ୍ୟ ଡ଼ ବିକାଶ ଯାଦବେନ୍ଦୁ କହିଲେ, କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆମର ସହାନୁଭୂତି ଅଛି, ଆମେ ସବୁ ସମୟରେ ରହିଛୁ ଏବଂ ସେମାନଙ୍କର ଥଇଥାନ ଓ ରିଲିଫ ପାଇଁ ଆବଶ୍ୟକ ପଡିଲେ ଅଧିକ ରିଲିଫ ସାମଗ୍ରୀ ପ୍ରଦାନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନକୁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରିବୁ ।

## ଛୋଟଖାନପୁର ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକର ମାନ୍ୟତା ଓ ଉଦ୍ଘାଟନ



### ଜଳେଶ୍ୱର ଓ ବାଲିଆପାଳର ଦୁଇ ଗ୍ରାମବାସୀ ହେବେ ଉପକୃତ : ବିଦ୍ୟାଳୟକୁ ୧୦ଲକ୍ଷ ଟଙ୍କା ଦାନ

ଜଳେଶ୍ୱର , ୧୨/୦୮ (ନି.ପ୍ର): ୮୦ଦଶକରେ ସୁବର୍ଣ୍ଣରେଖା ବନ୍ୟାରେ ସଂପୂର୍ଣ୍ଣ ନିଶ୍ଚିନ୍ନ ହୋଇଥିବା ଛୋଟଖାନପୁର ଗାଁ ଏବେ ସୁବର୍ଣ୍ଣରେଖା ନଦୀକୂଳରେ ମୁଣ୍ଡ ଟେକିଛି । ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରି ଆଜି ଉଦ୍ଘାଟନ ହୋଇଥିବା ବେଳେ ଜଳେଶ୍ୱର ଓ ବାଲିଆପାଳ ବ୍ଲକର ୨ଟି ଗାଁ ଉପକୃତ ହେବେ ବୋଲି ଉଦ୍ଘାଟନ ଅବସରରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି । ସୁବର୍ଣ୍ଣରେଖା ନଦୀର ବନ୍ୟାଦ୍ୱାରା ୧୯୮୨ ମସିହାରେ ଛୋଟଖାନପୁର ଗାଁ ଭାସିଯିବାରୁ ସେତେବେଳେ ୨୫ଜଣଙ୍କ ମୃତ୍ୟୁ ଘଟିଥିଲା । ଗାଁଟି ନିଶ୍ଚିନ୍ନ ହୋଇଥିବାରୁ ବହୁ ଲୋକଙ୍କୁ ଅନ୍ୟତ୍ର ଥଇଥାନ କରାଯାଇଛି । କିନ୍ତୁ ସୁବର୍ଣ୍ଣରେଖା ନଦୀକୂଳ ଏବଂ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଛୋଟଖାନପୁର ଗାଁରେ ୧୯୭୩ ମସିହାରେ ପ୍ରାଥମିକ ବିଦ୍ୟାଳୟ ଅଦ୍ୟବାଧି ଚଳିଆସୁଥିଲା । ସେଇଗାଁକୁ ଲାଗି ବାଲିଆପାଳ ବ୍ଲକର ବଡଖାନପୁର ଗାଁରେ ଚିନ୍ତାମଣି ରଣା ମଇବିଦ୍ୟାଳୟରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ ମଧ୍ୟ ତାହା ସରକାରୀ ହୋଇନଥିବାରୁ ଶେଷ ଶିକ୍ଷକ ଗୁଣାକର ନାୟକ ଅବସର ନେବାପରେ ବିଦ୍ୟାଳୟଟି ଏକପ୍ରକାର ବନ୍ଦ ହେବାକୁ ବସିଥିଲା । କିନ୍ତୁ ସେ ଅଂଚଳର ଶିକ୍ଷାବିତ୍ ଜନାର୍ଦ୍ଦନ ଅଣ୍ଡିଆଙ୍କ ହସ୍ତକ୍ଷେପ ବଳରେ ଛୋଟଖାନପୁର ପ୍ରାଥମିକ ବିଦ୍ୟାଳକୁ ସରକାରୀ ନୋଡାଲ ବିଦ୍ୟାଳୟରେ ପରିଣତ କରାଯାଇଛି । ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟାରେ ଏହା ହୋଇଥିବାରୁ ଆଜି ଉକ୍ତ ବିଦ୍ୟାଳୟକୁ ଉଦ୍ଘାଟନ କରିଛନ୍ତି । ଏଥିରେ ମୋଟ ୯୩ଜଣ ଛାତ୍ରଛାତ୍ରୀ ୪ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ପରିଚାଳନା ହେଉଛି । ଆୟୋଜିତ ସଭାରେ ଜନାର୍ଦ୍ଦନ ଅଣ୍ଡିଆ ସଭାପତିତ୍ୱ କରି ବିଦ୍ୟାଳୟକୁ ୧୦ଲକ୍ଷ ଟଙ୍କା ଦାନ କରିବେ ବୋଲି କହିଥିଲେ । ଏହି ବିଦ୍ୟାଳୟକୁ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ କରିପାରିଲେ ଆସନ୍ତା ଦିନରେ ସେଠାରେ ନବମ ଓ ଦଶମ ଶ୍ରେଣୀ ଖୋଲାଯିବା ସଂପର୍କରେ ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ । ମୁଖ୍ୟ ଅତିଥିଭାବେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ କାଳିନ୍ଦୀ ସରେନ୍ ଯୋଗ ଦେଇ ମୋ ସ୍କୁଲ ଯୋଜନାରେ ଗ୍ରାମବାସୀ ବିଦ୍ୟାଳୟକୁ ପାଣ୍ଠି ଯୋଗାଇଲେ ତାର ଦୁଇଗୁଣ ଅର୍ଥ ସରକାର ଦେବେ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ଗିରି, ବିଆର୍ସିସି ସୁଶାନ୍ତ କୁମାର ଜେନା, ଜିଲାପରିଷଦ ସଭ୍ୟା ମିନତି ଜେନା, ସରପଂଚ ବିଷ୍ଣୁପଦ ପାତ୍ର, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ ।

## ଫାଇଲେରିଆକୁ ହଟାଇବା ପାଇଁ ଔଷଧ ସେବନ କାର୍ଯ୍ୟକ୍ରମ

ଉଦଳା , ୧୧/୦୮ (ନି.ପ୍ର): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ପରିସରରେ 'ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ' ଚଳିତ ଅଗଷ୍ଟ ୧୦ ତାରିଖ ଦିନ ଉଦ୍ଘାଟିତ ହୋଇ ଯାଇଛି । ଉଦ୍ଘାଟନ ଉତ୍ସବରେ ଉଦଳା ରୋଟାରି କ୍ଲବର ସଦସ୍ୟ ବୃନ୍ଦ ଯୋଗ ଦେଇ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି । ଚିକିତ୍ସାଳୟର ଅଧିକ୍ଷକ ଡ଼ା. ଲକ୍ଷ୍ମୀକାନ୍ତ ପତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ପୃଥିବୀ ପୃଷ୍ଠରୁ ଫାଇଲେରିଆକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ପର୍ଯ୍ୟନ୍ତ ଆମର ସଂଗ୍ରାମ ଜାରି ରହିବ ବୋଲି ବ୍ୟକ୍ତ କରିଛନ୍ତି । ରୋଟାରି କ୍ଲବର ଉପସଭାପତି ଅଜୟ କୁମାର ବେହେରା, ଅଶୋକ କୁମାର ମହାନ୍ତି, ପ୍ରହ୍ଲାଦ କୁମାର ଦାସ, ସମ୍ପାଦକ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଫାଇଲେରିଆକୁ ହଟାଇବାକୁ ହେଲେ ସମସ୍ତ ଯୋଗ୍ୟ ବ୍ୟକ୍ତି ଏହି ଔଷଧ ଖାଇବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ସେହିପରି ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ସଂଯୋଜକ ସନ୍ତୋଷ କୁମାର ସାହୁ ଏହି ପ୍ରକ୍ରୀୟା ଅଗଷ୍ଟ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ସଚେତନତାର ବାର୍ତା ବାଂଟିବା ସହ ଔଷଧ ଖୁଆଇବେ ବୋଲି ସୂଚନା ପ୍ରଦାନ କରିଛନ୍ତି । ଉଦଳା ରକ୍ତ ଭଣ୍ଡାର ଅଧିକାରିଣୀ ଡ଼ା. ପ୍ରଜ୍ଞା ପ୍ରିୟଦର୍ଶନି ବେହେରା କେବଳ ଗର୍ଭବତି ମହିଳା, ଦୁଇବର୍ଷରୁ କମ୍ ବୟସର ଶିଶୁ, ଏକସପ୍ତାହ ମଧ୍ୟରେ ଶିଶୁ ଜନ୍ମ କରିଥିବା ମା' ଓ ଅତ୍ୟନ୍ତ ଅସୁସ୍ଥ ଥିବା ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ ବୋଲି ଜଣାଇଛନ୍ତି । ଶେଷରେ ଏହି ଔଷଧ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣା ଦିଆଯାଉଛି ବୋଲି ରୋଟାରି କ୍ଲବ ତରଫରୁ କୁହାଯାଇଛି ।

## ଉର୍ମିଳାକୁ ସହାୟତା ଯୋଗାଇଦେଲା ପ୍ରଶାସନ



ଲଙ୍ଗଳେଶ୍ୱର , ୧୨/୦୮ (ନି.ପ୍ର): ବାଲିଆପାଳ ବ୍ଲକ ବାଲିବିଲ ଗ୍ରାମ ର ଉର୍ମିଳା ମାଝୀ ପିତା ସ୍ୱର୍ଗତ ଭାନୁ ମାଝୀ (୩୭)ପରିବାର କହିଲେ ଜଣେ ଭାଇ ଏବଂ ସଉତୁଣୀ ମା ର ତିନି ଭାଇ ।ସ୍ୱାର୍ଥ ପର ଦୁନିଆରେ ଯେ ଯା ବାଟରେ, ଉର୍ମିଳା ଅବିବାହିତା ପର ଘର ମୂଲ ଖଟିବା ଛଡା ଆଉ କିଛି ବାଟ ନଥିଲା, ଧୀରେ ଧୀରେ ରୋଗରେ ଆକ୍ରାନ୍ତ ହୋଇ ଏବେ ପଙ୍ଗୁ ପଲଟିଛି। ଅନେକ ସମୟରେ ଭୋକିଲା, କିଏ କେତେବେଳେ କେମିତି ଦେଲେ ଖାଏ, ଏବେ ତାର ମାନସିକ ଓ ଶାରୀରିକ ଅବସ୍ଥା ଗୁରୁତର ।ଏବେ ରାସ୍ତା ଘାଟ, ମାର୍କେଟ ଘର, ସ୍କୁଲ ଭଳି ବିଭିନ୍ନ ସ୍ଥାନରେ ଘୁରି ବୁଲୁଥିବା ବେଳେ ପାଗଳ କହି ଖରାପ ବ୍ୟବହାର ର ଶିକାର ହେଉଥିବା ଘଟଣା ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଜାଣିବାକୁ ପାଇଲେ ଏବଂ ଖୋଜି ଖୋଜି ଭିକାଗଡ଼ିଆ ଗ୍ରାମ ରେ ନାଲୋ ସାମଲ ଘର ପାଖରେ ଉର୍ମିଳା କୁ ପାଇ ତାର ଅବସ୍ଥା ବାବଦରେ ଆଲୋଚନା କରି ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାକୁ ଅନ୍ତୋଦୟ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶୃତି ଦେଇଥିଲେ, ତାଙ୍କ ସହ ରତ୍ନାକର ପାତ୍ର, ଗୌତମ ନାୟକ, ସମିତି ସଭ୍ୟ ଶାନ୍ତନୁ କୁମାର ମହାପାତ୍ର, ଶ୍ରୀଧର ଡାକୁଆ, ସୁଧୀର ସାମଲ ପ୍ରମୁଖ ସହଯୋଗ କରିବା ସହ ଯୋଗାଣ ଅଧିକାରୀଙ୍କ ଏ ଭଳି ପଦକ୍ଷେପ କୁ ପ୍ରସଂଶା କରିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo